بِسْمِ اللّٰہِ الرَّحْمٰنِ الرَّحِیْمِ نَحْمَدُہٗ وَنُصَلِّیْ عَلٰی رَسُوْلِہِ الْکَرِیْمِ وَعَلٰی عَبْدِہِ الْمَسِیْحِ الْمَوْعُوْدِ

وَلَقَدْ نَصَرَکُمُ اللّٰہُ بِبَدْرٍ وَّاَنْتُمْ اَذِلَّۃٌ

ଖଣ୍ଡ 6

ସଂଖ୍ୟା 26

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

01 ଜୁଲାଇ 2021 | 01 ୱଫା 1400 ହି.ଶ | 20 ଜୁଲକାଦା 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

يٰۤاَيُّهَا الَّذِيْنَ اٰمَنُوا اتَّقُوا اللّٰهَ وَابْتَغُوْۤا اِلَيْهِ الْوَسِيْلَةَ وَجَاهِدُوْا فِيْ سَبِيْلِهٖ لَعَلَّكُمْ تُفْلِحُوْنَ

(36: سورۃ المائدہ)

ଅନୁବାଦ- ହେ ବିଶ୍ୱାସକାରୀ ! ଅଲ୍ଲାଃଙ୍କୁ ଭୟ କର ଏବଂ ତାଙ୍କର ସାନ୍ନିଧ୍ୟ ଲାଭ କରିବାକୁ ଉପାୟ ଅନ୍ୱେଷଣ କର ଓ ତାହାଙ୍କ ପଥ ପ୍ରବଳ ଉଦ୍ୟମ କର ଯେପରି ତୁମେମାନେ ସଫଳ ହେବ ।

*(ଅଲ୍‌ମାଇଦା: ୩୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ:ବଃ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନଓ୍ୱରଅ:ବଃଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ:ବଃଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ । ॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯୀଶୁ ମସିହ୍ ଆ:ସ ଯେତେବେଳେ ନିଜ କୌମ୍‌ର ଲୋକମାନଙ୍କ ନିକଟରୁ ଦୁଃଖ ଉଠାଉଥିଲେ ସେତେବେଳେ ନସିବୈନ୍‌ର ହାକିମ୍/ଶାସକ ତାଙ୍କୁ ଲେଖି ପଠାଇଥିଲେ ଯେ ଆପଣ ମୋ ନିକଟକୁ ଚାଲି ଆସନ୍ତୁ । ଏଥିରୁ ଏ ବିଶ୍ୱାସ ହେଉଛି ଯେ ନିଶ୍ଚିତରୂପେ ମସିହ୍ ଆ:ସ ନସିବୈନ୍ ଯାଇଥିଲେ ।**

## ହଜରତ ମସିହ ମଉଦଆ:ସଙ୍କ ନୀତି ବାଣୀ

### କ୍ରୁଶ ଉପରେ ଯିଶୁ ଆ:ସଙ୍କର ମୃତ୍ୟୁ ହୋଇନାହିଁ

ଏହି ଗୋଟିଏ ପ୍ରସଙ୍ଗରେ ଖ୍ରୀଷ୍ଟଧର୍ମର ସ୍ତମ୍ଭ ଭାଙ୍ଗିଯାଏ । କାରଣ ଯେବେ କ୍ରୁଶ ଉପରେ ଯୀଶୁ ମସିହଙ୍କ ମୃତ୍ୟୁ ହିଁ ହୋଇନାହିଁ ଓ ସେ ତିନିଦିନ ପରେ ଜୀବିତ ଆକାଶକୁ ଯାଇ ହିଁ ନାହାନ୍ତି ତେବେ ଈଶ୍ୱରୀୟତା ଓ କଫ୍‌ଫାରାର ଅଟ୍ଟାଳିକାଟି ମୂଳରୁ ହିଁ ଭୁଷୁଡ଼ି ପଡ଼ିଲା ଏବଂ ମୁସଲମାନମାନଙ୍କ ଭୂଲ ଧାରଣା (ଯଦ୍ୱାରା ରସୁଲୁଲ୍ଲାଃ ସ:ଆ:ସଙ୍କୁ ଭିଷଣ ଅପମାନିତ କରାଯାଉଥିଲା ଯେ ସେ ଅର୍ଥାତ ମସିହ ଜୀବିତ ଆକାଶକୁ ଚାଲିଗଲେ ଓ ପୁଣି ଅବତୀର୍ଣ୍ଣ ହେବେ, ଯେବେ କି ତାଙ୍କ ପରେ ଅର୍ଥାତ ରସୁଲୁଲ୍ଲାଃ ସ:ଆ:ସଙ୍କ ପରେ କୌଣସି ନୂଆ, ପୁରୁଣା ନବୀ ଆସିପାରିବେ ନାହିଁ ଯାହାଙ୍କ ନବୁଓ୍ୱତ ଉପରେ ମହାଭାଗ ସ:ଆ:ସଙ୍କ ମୋହର ନ ଲାଗିଛି) ମଧ୍ୟ ଦୂର ହୋଇଗଲା ଓ ପବିତ୍ର କୁର୍‌ଆନ୍‌ର ଅସଲ ଓ ପବିତ୍ର ଶିକ୍ଷା ସତ୍ୟ ବୋଲି ପ୍ରମାଣିତ ହୋଇଗଲା । କାରଣ ପବିତ୍ର କୁର୍‌ଆନ୍‌ରେ ଯୀଶୁ ମସିହ ଆ:ସଙ୍କର ସ୍ୱଷ୍ଟ ସ୍ୱୀକାରୋକ୍ତି **ଫଲମ୍ମା ତଓ୍ୱଫ୍ ଫୈତନି** ମହଜୁଦ୍ ରହିଛି, ଯାହାକୁ କିଏ ଅସ୍ୱୀକାର କରିପାରିବେ ନାହିଁ ।

### ୱଫାତେ ମସିହ୍ (ଯୀଶୁଙ୍କ ମୃତ୍ୟୁ) ପ୍ରସଙ୍ଗରେ ଗୁରୁତ୍ୱ ଦେବାର କାରଣ

ଏହି କାରଣ ଯୋଗୁଁ ଆମେ ୱଫାତେ ମସିହ୍ (ଯୀଶୁଙ୍କ ମୃତ୍ୟୁ) ପ୍ରସଙ୍ଗରେ ଜୋର ଦେଉଅଛୁ କାରଣ ତାଙ୍କ ମୃତ୍ୟୁ ସହିତ ଖ୍ରୀଷ୍ଟ ଧର୍ମର ମଧ୍ୟ ମୃତ୍ୟୁ ହୋଇଥାଏ । ଏହି କାରଣରୁ ମୁଁ ପୁସ୍ତକ "ମସିହ ହିନ୍ଦୁସ୍ତାନ ମେଁ" ଲେଖିବା ଆରମ୍ଭ କରିଛି ଏବଂ ଏହି ପୁସ୍ତକର କିଛି ମୋତାଲବାକୁ ପୂରଣ କରିବା ପାଇଁ ମୁଁ ଏହା ଉଚିତ ମଣିଛି ଯେ ଆମ ଯମାତ୍‌ର କିଛି ଲୋକଙ୍କୁ ପଠାଇବି । ଯେଉଁମାନେ ସେହି ସ୍ଥାନଗୁଡ଼ିକୁ ଯାଇ ସେହି ସମସ୍ତ ସନ୍ତକଗୁଡ଼ିକର ଠିକଣା ସଂଗ୍ରହ କରି ଆସିବେ ଯାହା ତାଙ୍କୁ (ଅର୍ଥାତ ଯୀଶୁ ମସିହଙ୍କୁ) ସେଠାରେ ଉପସ୍ଥିତ ହେବାର ଦର୍ଶାଉଛି । ସୁତରାଂ ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଆମେ ଏହି ଜଲସା ଅନୁଷ୍ଠିତ କରିଛୁ ଯେ ସେହି ବନ୍ଧୁମାନଙ୍କୁ ବିଦା କରିବା ପୂର୍ବରୁ ଆମେ ସମସ୍ତେ ମିଶି ସେମାନଙ୍କ ପାଇଁ ଦୁଆ କରିବା ଯେ, ସେମାନେ କୁଶଳ ଓ ମଙ୍ଗଳରେ ଏହି ପବିତ୍ର ଯାତ୍ରା ପାଇଁ ବିଦା ହୁଅନ୍ତୁ ଓ ସଫଳ ହୋଇ ଲେଉଟି ଆସନ୍ତୁ ।

### କ୍ରୁଶ ଘଟଣା ପରେ ହଜରତ୍ ମସିହ୍ ନସିବୈନ୍ ଚାଲିଗଲେ

ଏହି ଯାତ୍ରା ଯାହା ନିର୍ଦ୍ଧାରଣ କରାଯାଇଅଛି, ଯଦି ଏହା କରା ବି ନଯାଇଥାନ୍ତା, ତା'ହେଲେ ମୋର ଏ ଦୃଢ଼ ବିଶ୍ୱାସ ଥିଲା ଯେ ସର୍ବଶକ୍ତିମାନ ଈଶ୍ୱର ନିଜର ଅସୀମ କୃପା ଦ୍ୱାରା ଏତେ ମାତ୍ରାରେ ସାକ୍ଷ୍ୟ ଓ ପ୍ରମାଣମାନ ଏହି ବିଷୟ ଉପରେ ପ୍ରଦାନ କରିଦେଇଛନ୍ତି ଯେ ଯାହାକୁ ବିରୋଧିମାନଙ୍କ କଲମ ଓ କଥା ଖଣ୍ଡନ କରିପାରିବ ନାହିଁ । କିନ୍ତୁ ମୋମିନ୍ (ଅର୍ଥାତ ଈଶ୍ୱର ବିଶ୍ୱାସୀ) ସର୍ବଦା ଉନ୍ନତି କରିବାକୁ ଚାହିଁଥାଏ । ସେ ଅଧିକରୁ ଅଧିକ ତଥ୍ୟ ଓ ସତ୍‌ଜ୍ଞାନର କ୍ଷୁଧାର୍ଥ ଓ ତୃଷାର୍ତ୍ତ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ମୁଁ ଚାହୁଁଛି ଜମାତ ଅହେମଦିୟା ନିଜର ଦାୟିତ୍ୱ ବୁଝୁ ଓ ଇସ୍‌ଲାମ୍‌ର ହଜିଯାଇଥିବା ସମ୍ପତିକୁ ପୁଣି ଫେରାଇ ଆଣୁ ଓ ପୁଣି ସେହି ନୈତିକ ଗୁଣ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୁଲାମମାନଙ୍କ ମଧ୍ୟରେ ଏ ସଂସାର ଦେଖୁ ଯାହାକୁ ଦେଖି ମଣିଷ ଈଶ୍ୱରଙ୍କୁ ଚିହ୍ନିଥାଏ ।**

ହଜରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ସେହିଭଳି ହମିଦ୍ ଶବ୍ଦ ଅନ୍ତର୍ଗତ ମୁସଲମାନମାନଙ୍କର ଏପରି ପ୍ରଶଂସା କରାଗଲା ଯେ ତାହାର ଦୃଷ୍ଟାନ୍ତ ମିଳୁନାହିଁ । ମୁସଲମାନ ଶବ୍ଦରେ ଗୋଟିଏ ଜମାନତ ଥିଲା ତେଣୁ ସେଥିରେ କିଏ ସନ୍ଦେହ କରୁନଥିଲା । ତାହାର ପ୍ରତିଶ୍ରୁତିକୁ ଆକାଶୀୟ/ସ୍ୱର୍ଗୀୟ ଭାଗ୍ୟ ବୁଝାଯାଉଥିଲା ଯାହାକୁ କିଏ ବି ରଦ୍ଦ କରିପାରୁନଥିଲେ । ତାଙ୍କ ପ୍ରଶଂସାର ପ୍ରତିଧ୍ୱନୀ ଆଜି ବି ଦୁନିଆରେ ଶୁଣାଯାଉଅଛି । ଉଦାହରଣ ସ୍ୱରୂପ ଏହି ଗୋଟିଏ ଘଟଣାକୁ ଦେଖନ୍ତୁ ଯେ ଥରେ ଜଣେ ଲୋକ ଏପରି ଏକ ଅପରାଧ କଲା ଯେ, ସେହି ଅପରାଧ ଯୋଗୁଁ ସେ ମୃତ୍ୟୁ ଦଣ୍ଡ ପାଇବାର ହକ୍‌ଦାର ଥିଲା । ଯେବେ ତାକୁ ଯୁଗ ଖଲିଫାଙ୍କ ସମ୍ମୁଖରେ ପେଶ କରାଗଲା, ସେ ଦଣ୍ଡାଦେଶ ଶୁଣିବା ପରେ ନିବେଦନ କଲା ଯେ ମୋ ନିକଟରେ ମୋ ଅନାଥ ଝିଆରୀମାନଙ୍କର କିଛି ଅମାନତ ଅଛି ଓ ସେମାନଙ୍କ ପ୍ରତି ମୋର କିଛି କର୍ତବ୍ୟ ମଧ୍ୟ ରହିଛି । ସେ ବିଷୟରେ ମୋ ବ୍ୟତୀତ ଆଉ କେହି ଜାଣିନାହାନ୍ତି ତେଣୁ ମତେ ଆସନ୍ତା କାଲିର ଏହି ସମୟ ପର୍ଯ୍ୟନ୍ତ ମହଲତ ଦିଅନ୍ତୁ, ମୁଁ ସବୁ କାର୍ଯ୍ୟ ତୁଟାଇ ଆସି ହାଜର ହୋଇଯିବି । ଖଲିଫା କହିଲେ କିଛି ଜାମିନ୍ ରଖ । ସେ ଖଲିଫାଙ୍କ ମଜ୍‌ଲିସ୍‌ରେ ଉପସ୍ଥିତ ଥିବା ଜଣେ ସାହାବି (ଅବୁଜର)ଙ୍କ ଆଡ଼କୁ ଇସାରା କରିଲେ ଯେ ଇଏ ମୋର ଜାମିନ୍ ହେବେ । ଯେବେ କି ସେହି ସାହାବି ତାଙ୍କୁ ବିଲ୍‌କୁଲ୍ ହିଁ ଜାଣିନଥିଲେ । କିନ୍ତୁ କେବଳ ମୁସଲମାନ ହୋଇଥିବା ଯୋଗୁଁ ଓ କେବଳ ଏଥିପାଇଁ କି ସେ ତାଙ୍କ ଉପରେ ଏହି ଦାୟିତ୍ୱ ନିର୍ବାହ କରିବା ପାଇଁ ଭରସା ରଖିଥିଲା, ତେଣୁ ନିଜର ଭଦ୍ରାମି ଓ ସମ୍ମାନକୁ ଆଖି ଆଗରେ ରଖି ତା ପାଇଁ ଜମାନତ ଦେଇଦେଲେ । ଧାର୍ଯ୍ୟ ସମୟ ପାଖେଇ ଆସିଲା କିନ୍ତୁ ସେ ଆସି ପହଂଚିଲା ନାହିଁ । ତେଣୁ ଲୋକମାନେ ହଜରତ୍ ଅବୁଜର୍ ର:ଅଙ୍କୁ ପଚାରିଲେ ସେହି ଲୋକଟି କିଏ ଥିଲା ? ସେ କହିଲେ ମୁଁ ଜାଣିନାହିଁ ସେ କିଏ ଥିଲା । ମୁଁ ତ' ତାକୁ ଜଣେ ମୁସଲମାନ ଭାବରେ ଜାଣି ଜମାନତ ଦେଇଦେଲି । ଯେତେବେଳେ ସେ ମୋ ଉପରେ ଭରସା କଲା ସେତେବେଳେ ମୁଁ କାହିଁକି ତା' ଉପରେ

## ନବୀ ସ:ଆ:ସଙ୍କ ବାଣୀ

### ରାତ୍ରି ସମୟରେ ଦଫନ କରିବା ଅର୍ଥାତ କବର ଦେବା

(୧୩୫୧) ହଜ୍‌ରତ୍ ଜାବିର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେତେବେଳେ ଓ୍ୱହଦ୍ ଯୁଦ୍ଧ ହେଲା,ମୋ ବାପା ମତେ ରାତିବେଳା ଡ଼ାକାଇ କହିଲେ ମତେ ଏପରି ଜଣାପଡୁଛି ଯେ ମୁଁ ମଧ୍ୟ ନବୀ ସ:ଆ:ସଙ୍କ ସେହି ସାଥିମାନଙ୍କ ସହିତ ମରିଯିବି ଯେଉଁମାନେ ପ୍ରଥମେ ଶହୀଦ ହେବେ । ରସୁଲୁଲ୍ଲାଃ ସ:ଆ:ସଙ୍କ ବ୍ୟତୀତ ମୋ ପରେ ତୁମଠାରୁ ଅଧିକା ପ୍ରାୟ ବ୍ୟକ୍ତି ଆଉ କାହାରିକୁ ଛାଡ଼ିଯାଉନାହିଁ । ମୋ ଉପରେ କରଜ ରହିଛି, ତାହା ତୁମେ ପରିଶୋଧ କରିବ । ନିଜ ଭଉଣୀମାନଙ୍କ ସହିତ ଭଲ ବ୍ୟବହାର କରିବ । ଆମେ ଯେତେବେଳେ ସକାଳେ ଉଠିଲୁ, ସର୍ବପ୍ରଥମେ ମୋ ବାପା ହିଁ ଶହୀଦ ହେଲେ ଓ ମୁଁ ତାଙ୍କୁ କବର ଭିତରେ ଦଫନ କଲି । ତାଙ୍କ ସହିତ ଆଉ ଜଣେ ବ୍ୟକ୍ତି ମଧ୍ୟ ଦଫନ ହୋଇଥିଲେ । ମୋ ମନ ଏହା ଚାହିଁଲା ନାହିଁ ଯେ ମୁଁ ଅନ୍ୟଜଣେ ଲୋକ ସହିତ ତାଙ୍କୁ (ଅର୍ଥାତ ମୋ ବାପାଙ୍କୁ ଗୋଟିଏ କବର ଭିତରେ) ରହିବାକୁ ଦେବି । ତେଣୁ ମୁଁ ତାଙ୍କୁ ଛଅ ମାସ ପରେ ବାହାର କଲି । ମୁଁ ଦେଖିବାକୁ ପାଇଲି ଯେ ସେ ସେହିଭଳି (ତାଜା) ଥିଲେ ଯେଉଁଭଳି ସେ ସେହି ଦିନ ଥିଲେ ଯେଉଁଦିନ ମୁଁ ତାଙ୍କୁ (କବରରେ) ରଖିଥିଲି । କେବଳ ତାଙ୍କ କାନରେ ଅଳ୍ପ ଟିକିଏ ପରିବର୍ତନ ହୋଇଥିଲା ।

ହଜ୍‌ରତ୍ ସୟଦ୍ ଜଇନୁଲ୍ ଆବେଦୀନ୍ ଓ୍ୱଲିଉଲ୍ଲାଃ ଶାହ୍ ର:ଅ କହୁଛନ୍ତି: ହଜରତ୍ ଜାବିର୍ ର:ଅଙ୍କ କାର୍ଯ୍ୟ ବ୍ୟକ୍ତିଗତ ଥିଲା । ଅର୍ଥାତ ତାହା ତାଙ୍କର ବ୍ୟକ୍ତିଗତ ଆବେଗ ଥିଲା । ତେଣୁ ତାହା ଉପରେ ଫତଓ୍ୱାର ଆଧାର ରଖାଯାଇପାରିବ ନାହିଁ । କିଛି ଫୋକହାଆ (ଧର୍ମଜ୍ଞାନରେ ନିପୁଣ ଥିବା ବ୍ୟକ୍ତି) ଶବକୁ କବର ଭିତରେ ଦଫନ୍ କରିବା ପରେ ପୁଣି ଅପସାରଣ କରିବାକୁ କଡ଼ା ବାରଣ କରିଛନ୍ତି । ଇମାମ୍ ବୁଖାରୀ ରହେମୁଲ୍ଲାଃ ଏହି ଫତଓ୍ୱାକୁ ସମର୍ଥନ କରିବା ସପକ୍ଷରେ ନାହାନ୍ତି ।

***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଜନାଇଯ୍, ମୁଦ୍ରଣ ୨୦୦୬ କାଦିଆନ୍)***

ଭରସା ନ କରିଥାନ୍ତି । ସମୟ ସରିଯାଉଥିଲା ତେଣୁ ଲୋକମାନଙ୍କୁ ହଜ୍‌ରତ୍ ଅବୁଜର୍ ର:ଅଙ୍କ ଜୀବନ ପ୍ରତି ବିପଦ ଦେଖାଦେଲା କିନ୍ତୁ ଠିକ୍ ସମୟରେ ଜଣେ ଲୋକ ଦୂରରୁ ଖୁବ୍ ଜୋର୍‌ରେ ଘୋଡ଼ା ଦଉଡ଼ାଇ ଆସିଲା ଓ ସେଠାରେ ନିର୍ଜୀବ ହୋଇ ପଡ଼ିଗଲା ଓ ହଜ୍‌ରତ୍ ଅବୁଜର୍‌ଙ୍କଠାରୁ କ୍ଷମା ପ୍ରାର୍ଥନା କଲା ଯେ ବହୁତ କାମ ଶେଷ କରିବାକୁ ଥିଲା, ସେଥିଯୋଗୁଁ ଶେଷ ସମୟରେ ଆସି ପହଂଚିଲି ଓ ଆପଣଙ୍କୁ ଚିନ୍ତାରେ ପକାଇ ଦେବାର କାରଣ ହେଲି......... ଗୋଟିଏ ପଟେ ଅବୁ ଜର୍ ର:ଅଙ୍କ ନିସ୍ୱାର୍ଥପର ଭାବନା ଅନ୍ୟପଟେ ସେହି ବ୍ୟକ୍ତିର ପ୍ରତିବଦ୍ଧତାର ଉଦାହରଣ ଅନ୍ୟ ଜାତିରେ କେଉଁଠି ମିଳୁଛି । ଏହି ଘଟଣାକୁ ଅଂଗ୍ରେଜ୍‌ମାନେ ନିଜର କାହାଣୀମାନଙ୍କରେ ଓ ନଜମଗୁଡ଼ିକରେ ମଧ୍ୟ ଦରଜ କରିଛନ୍ତି । ଏହିଭଳି ଆଉ ଏକ ଉଦାହରଣ ଅଛି । ଶାମ (ଅର୍ଥାତ ବର୍ତମାନର ସିରିଆ ଦେଶ) ଉପରେ ବିଜୟ ପ୍ରାପ୍ତ କରିବା ପରେ ଥରେ ଇସାଇମାନଙ୍କ ସେନା ଅସ୍ଥାୟୀ ଭାବରେ ଯୁଦ୍ଧ ଜିଣିନେଲା ଫଳତଃ ଇସ୍‌ଲାମିୟ ସେନାଙ୍କୁ କିଛି ଇଲାକା ଛାଡ଼ିବାକୁ ପଡ଼ିଲା । ସେ ସମୟରେ ହଜ୍‌ରତ୍ ଉମର ର:ଅଙ୍କ ନିର୍ଦ୍ଦେଶ ମୁତାବକ ମୁସଲମାନମାନେ ସେ ଇଲାକାରୁ ଆଦାୟ କରାଯାଇଥିବା ସମସ୍ତ ଟ୍ୟାକ୍ସ ଏହା କହି ଲେଉଟାଇ ଦେଲେ ଯେ ଯଦି ଆମେ ତୁମର ସୁରକ୍ଷା କରିପାରିବୁ ନାହିଁ, ତେବେ ଆମେ ତୁମମାନଙ୍କ ଟ୍ୟାକ୍ସକୁ ନିଜ ପାଖରେ ରଖିପାରିବୁ ନାହିଁ । ସେହି ଇଲାକାରେ ଇସାଇମାନେ ବସବାସ କରୁଥିଲେ । କିନ୍ତୁ ସେମାନଙ୍କ ଧର୍ମର ଲୋକମାନେ ବିଜୟ ପ୍ରାପ୍ତ କରି ଆସୁଥିବା ସତ୍ୱେ ମଧ୍ୟ ସେମାନେ ମୁସଲମାନମାନଙ୍କର ଏପରି ପୂଣ୍ୟ ଚିନ୍ତାଧାରା ଦ୍ୱାରା ଏତେ ପ୍ରଭାବିତ ହେଲେ ଯେ, ସେଠିକାର ପୁରୁଷ ଓ ମହିଳାମାନେ ମୁସଲମାନମାନଙ୍କୁ ବିଦାୟ ଦେବାପାଇଁ କାନ୍ଦି କାନ୍ଦି ସହରର ବାହାର ପର୍ଯ୍ୟନ୍ତ ଆସିଲେ ଓ ଏହା କହି ଚାଲିଥିଲେ ଯେ ଯଦି ଇସାଇମାନଙ୍କର ସେନା ଆପଣଙ୍କ ସ୍ଥାନରେ ଥା'ନ୍ତେ ତେବେ ଟ୍ୟାକ୍ସ ଲେଉଟାଇବା ପରିବର୍ତେ ଆମ ନିକଟରେ ଯାହା କିଛି ଥିଲା ତାହା ମଧ୍ୟ ନେଇ ଯାଇଥାନ୍ତେ ସେମାନେ ଏ ପ୍ରାର୍ଥନା ମଧ୍ୟ କରୁଥିଲେ ଯେ ଅଲ୍ଲାଃ ତାଲା ଆଉ କେବେ ଆପଣମାନଙ୍କୁ ଆମ ନିକଟକୁ ଲେଉଟାଇ ଆଣନ୍ତୁ ।

ଦୁଃଖର ବିଷୟ ଏହା ଯେ, ସେ ଯୁଗର ଅବସ୍ଥା କ'ଣ ଥିଲା ଓ ଏବେକାର ମୁସଲମାନ ସୁବଠାରୁ ଅଧିକା ଅବିଶ୍ୱସନୀୟ ଭାବରେ ବିବେଚନା କରାଯାଉଛନ୍ତି । ଓ୍ୱଲେମାମାନେ ଅନ୍ୟଧର୍ମକୁ ଲୁଟି ନେବା ପାଇଁ ଫତ୍‌ୱା ଦେଇଛନ୍ତି । ଅନ୍ୟ ଧର୍ମର ଶାସକଙ୍କ ସହିତ ବିଶ୍ୱାସଘାତକତା କରିବାକୁ ଦୀନ୍ ଅର୍ଥାତ ଇସ୍‌ଲାମ୍ ଧର୍ମର ଏକ ଅଂଶ ବିଶେଷ ବୋଲି ଘୋଷଣା କରାଯାଇଛି । ଅଣମୁସଲମାନମାନଙ୍କୁ ହତ୍ୟା କଲେ ପୂଣ୍ୟ ଅର୍ଜନ ହେବ ବୋଲି କୁହାଯାଉଛି । ସୁତରାଂ ପ୍ରତ୍ୟେକ ପ୍ରକାରର ପୂଣ୍ୟ ଯାହାକୁ କରିବାରେ ମୁସଲମାନମାନେ ଗର୍ବ କରୁଥିଲେ, ଏବେ ତାହା ସବୁ ସେମାନଙ୍କ ମଧ୍ୟରେ ଦେଖାଯାଉନାହିଁ । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜଉେନ୍** । ମୁଁ ଚାହୁଁଛି ଜମାତ ଅହେମଦିୟା ନିଜର ଦାୟିତ୍ୱ ବୁଝୁ ଓ ଇସ୍‌ଲାମ୍‌ର ହଜିଯାଇଥିବା ସମ୍ପତିକୁ ପୁଣି ଫେରାଇ ଆଣୁ ଓ ପୁଣି ସେହି ନୈତିକ ଗୁଣ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୁଲାମମାନଙ୍କ ମଧ୍ୟରେ ଏ ସଂସାର ଦେଖୁ ଯାହାକୁ ଦେଖି ମଣିଷ ଈଶ୍ୱରଙ୍କୁ ଚିହ୍ନିଥାଏ । ସେମାନେ ଅମୀନ୍ (ବିଶ୍ୱସନୀୟ) ହୁଅନ୍ତୁ ଏବଂ ଏପରି ଅମୀନ୍ ହୁଅନ୍ତୁ ଯେ ନିଜେ ଭୋକିଲା ମରିଯାଆନ୍ତୁ ପଛକେ, ସ୍ତ୍ରୀ ପିଲା ଭୋକିଲା ମରିଯାଆନ୍ତୁ ପଛକେ କିନ୍ତୁ ଅନ୍ୟର ଅମାନତ (ନ୍ୟାସ)ରେ ଖୟାନତ (ବିଶ୍ୱାସଘାତକତା) ନ ହେଉ । ସେମାନେ ସତ୍ୟବାଦୀ ହୁଅନ୍ତୁ ଓ ଏପରି ସତ୍ୟବାଦୀ ହୁଅନ୍ତୁ ଯେ ଜୀବନ ଯାଉ, ଧନ ଯାଉ ଓ ପଦବୀ ଯାଉ ପଛକେ କିନ୍ତୁ ମିଥ୍ୟାର ଗୋଟିଏ ଶବ୍ଦ ମୁହଁରେ ନ ଆସୁ କଦାପି ନ ଆସୁ । ପ୍ରତିଶୃତି କରନ୍ତୁ ତ' ଜୀବନ ଲଗାଇ ପାଳନ କରନ୍ତୁ ଏବଂ ଯଦି ମନସ୍ଥ କରିଦେଇଛନ୍ତି ତା'ହେଲେ କଟା ମୁଣ୍ଡକୁ ହାତରେ ଧରି ଅର୍ଥାତ ନିଶ୍ଚିତ ରୂପେ ତାହା ପୂରଣ କରନ୍ତୁ । । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୪୪୦......୨୦୧୦ କାଦିଆନ୍)***

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ହୋଇଥାଏ । କେବେ ବି ତା'ର ଏଥିରେ ମନ ଭରେନାହିଁ । ସେଥିଯୋଗୁଁ ଆମରି ବି ଏ ଇଚ୍ଛା ଯେ ଯେତେ ଅଧିକା ପ୍ରମାଣ ମିଳିବ ସେତେ ଭଲ । ସେହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ଯେ ଆମେ ଆମ ବନ୍ଧୁମାନଙ୍କୁ ନସିବୈନ୍ ଆଡ଼କୁ ପଠାଉଅଛୁ । ଯାହା ବିଷୟରେ ଆମେ ଜାଣିବାକୁ ପାଇଛୁ ଯେ ସେଠିକାର ଶାସକ ହଜ୍‌ରତ୍ ମସିହ୍‌ଙ୍କୁ (ଯେତେବେଳେ ସେ ନିଜର ଅକୃତଜ୍ଞ ଜାତି ଦ୍ୱାରା ଦୁଃଖ ଓ କଷ୍ଟ ଉଠାଉଥିଲେ) ଲେଖିଥିଲେ ଯେ ଆପଣ ମୋ ନିକଟକୁ ଚାଲି ଆସନ୍ତୁ । ପୁଣି କ୍ରୁଶରୁ ବଂଚିଯିବା ପରେ ସେହି ସ୍ଥାନରେ ପହଂଚି ସେ ତାଙ୍କ ହତଭାଗ୍ୟ ଜାତିର ଅତ୍ୟାଚାରରୁ ମୁକ୍ତି ପାଇଲେ । ସେଠିକାର ଶାସକ/ହାକିମ ଏ କଥା ମଧ୍ୟ ଲେଖିଥିଲେ ଯେ ଯଦି ଆପଣ ମୋ ନିକଟକୁ ଆସିଯିବେ ତା'ହେଲେ ମୁଁ ଆପଣଙ୍କ ସେବା କରିବାର ସୌଭାଗ୍ୟ ଲାଭ କରିବି ଏବଂ ବର୍ତମାନ ମୁଁ ରୋଗରେ ପିଡ଼ିତ ଅଛି ତେଣୁ ମୋ ପାଇଁ ଦୁଆ କରିବେ । ଯଦିଓ ଏ ବିଷୟ ଆମକୁ ଏକ ଇଂଗ୍ରାଜୀ ପୁସ୍ତକରୁ ଜ୍ଞାତ ହେଲା କିନ୍ତୁ ଦେଖୁଛି ଯେ ଇସ୍‌ଲାମୀୟ ଇତିହାସ "ରୌଜତୁସ୍ ସଫା" ମଧ୍ୟରେ ଏହି ପ୍ରକାରର ଅର୍ଥ ମଧ୍ୟ ମିଳୁଅଛି । ତେଣୁ ଏ ବିଶ୍ୱାସ ହେଉଅଛି ଯେ ନିଶ୍ଚିତରୂପେ ମସିହ୍ ଆ:ସ ନସିବୈନ୍ ଯାଇଥିଲେ ଏବଂ ସେହି ରାସ୍ତା ଦେଇ ସେ ହିନ୍ଦୁସ୍ତାନ ଚାଲିଆସିଛନ୍ତି । ସମସ୍ତ ଜ୍ଞାନ ଅଲ୍ଲାଃ ତାଲା ପାଖରେ ଅଛି । କିନ୍ତୁ ଆମ ହୃଦୟ ଏହା ସାକ୍ଷ୍ୟ ଦେଉଅଛି ଯେ ଏହି ଯାତ୍ରା ଦ୍ୱାରା ସତ୍ୟ ପ୍ରକାଶ ହୋଇଯିବ ଏବଂ ପ୍ରକୃତ କଥା ସ୍ପଷ୍ଟ ହୋଇଯିବ । ସମ୍ଭବତଃ ଏହି ଯାତ୍ରା ଦ୍ୱାରା ଏପରି ଲେଖା ମିଳିଯିବ କିମ୍ବା ଏପରି କିଛି ତଥ୍ୟ ମିଳିଯିବ ଯାହା ଆମର ଉଦ୍ଦେଶ୍ୟକୁ ସମର୍ଥନ ଓ ଚରିତାର୍ଥ କରୁଥିବ ତେଣୁ ମୁଁ ମୋ ଜମାତରୁ ତିନିଜଣ ଲୋକଙ୍କୁ ଏହି ଯାତ୍ରା ନିମନ୍ତେ ପ୍ରସ୍ତୁତ କରିଛି । ଏମାନଙ୍କ ପାଇଁ ଗୋଟିଏ ଆରବୀ ପୁସ୍ତକ ମଧ୍ୟ ଲେଖିବାକୁ ଚାହୁଁଛି ଯାହା ତବ୍‌ଲିଗ୍ ପାଇଁ ଅର୍ଥାତ ପ୍ରଚାର ପାଇଁ ଉଦ୍ଦିଷ୍ଟ । ସେମାନେ ଯେଉଁ ଇଲାକାକୁ ଯିବେ ତାହାକୁ ସେଠାରେ ବାଂଟି ଚାଲିବେ । ଏହିପରି ଏ ଯାତ୍ରା ଦ୍ୱାରା ଏ ଲାଭ ମଧ୍ୟ ମିଳିବ ଯେ ଆମ ସମ୍ପ୍ରଦାୟର ପ୍ରଚାର ପ୍ରସାର ମଧ୍ୟ ହୋଇଚାଲିବ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୦୫-୩୦୬ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଯେ, ଗତବର୍ଷ ମୁଁ ଜଲ୍‌ସା ସାଲାନାରେ ସାମିଲ ହୋଇଥିଲି ଓ ସେଠାରେ ହେଲିକପ୍ଟର ମଧ୍ୟ ଉଡୁଥିଲା ଏବଂ ପୁଣି ହଜୁର ଅନଓ୍ୱର ଅ:ବ:ଅ ଯେତେବେଳେ ପତାକା ଉତୋଳନ କରୁଥିଲେ ସେଠାରେ ହଜାର ହଜାର ଲୋକ ଛିଡ଼ା ହୋଇ ସ୍ଲୋଗାନ ଦେଉଥିଲେ । ଯେତେବେଳେ ନମାଜ ପଢ଼ିସାରି ମୁଁ ଶୋଇଲି ସେତେବେଳେ ସେହି ସ୍ୱପ୍ନ ପୂର୍ନବାର ମତେ ହେଲା ଓ ଜଣେ ବ୍ୟକ୍ତି ମତେ କହୁଥିଲା ଯେ, କ'ଣ ତୁମକୁ ତୁମ ସ୍ୱପ୍ନ ମନେ ଅଛି ଯେଉଁଥିରେ ତୁମେ ଜଣେ ମହାନ୍ ଅସ୍ତିତ୍ୱକୁ ଦେଖିଥିଲ । ଯେଉଁ ବ୍ୟକ୍ତିଜଣକ ଆଜି ଏଠାରେ ପତାକା ଉତୋଳନ କଲେ ସେ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କୁ ତୁମେ ସ୍ୱପ୍ନରେ ଦେଖିଥିଲ । ତା'ପରେ ଯେତେବେଳେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ପ୍ରଥମଥର ଦେଖିଲି ମୁଁ କାନ୍ଦିବାକୁ ଲାଗିଲି । ମୁଁ ଜଲ୍‌ସାଗାଃର ଗେଟ୍ ପାଖରେ ଛିଡ଼ା ହୋଇଥିଲି ଯେଉଁଠି ହଜୁର ଅତି ନିକଟରେ ଗଲେ । ମୁଁ ପ୍ରଥମଥର ପାଇଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏତେ ନିକଟରେ ଦେଖିବାକୁ ପାଇଥିଲି । ମତେ ଏମିତି ଲାଗୁଥିଲା ଯେମିତି କେହି ଜଣେ ମୋ ଶରୀର ଉପରେ ଉଷୁମ ପାଣି ପକାଇ ଦେଲା ତା'ପରେ ମୁଁ ଏକଘଂଟା ପର୍ଯ୍ୟନ୍ତ ସେଠାରେ କାନ୍ଦି ଚାଲିଲି ।

ପ୍ରଥମେ ତ' ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏତେ ନିକଟରେ ଦେଖିବାକୁ ପାଇଥିଲି ଓ ଆଜି ଅଲ୍ଲାଃ ତାଲାଙ୍କ କୃପାରୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମସ୍‌ଜିଦ୍ ଖଦିଜା ବର୍ଲିନଠାରେ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା ଏବଂ ଏହି ମସ୍‌ଜିଦ୍‌କୁ ମୁଁ ସ୍ୱପ୍ନରେ ଦେଖିଥିଲି ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ୧:୪୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ସ୍ଥାନିୟ ମଜ୍‌ଲିସ୍ ଆମେଲା ଜମାତ୍ ବର୍ଲିନ୍ ଏବଂ ସିକ୍ୟୁରିଟି ଟିମ୍ ଖୁଦାମୁଲ୍ ଅହେମଦିୟା ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଗ୍ରୁପ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ତକ୍‌ରିବେ ଆମିନ୍**

ଠିକ୍ ୨ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଖଦିଜାରେ ପଦାର୍ପଣ କଲେ ଏବଂ ପ୍ରୋଗ୍ରାମ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ୨୪ ଜଣ ପୁଅ ଓ ଝିଅଙ୍କଠାରୁ ପବିତ୍ର କୁର୍‌ଆନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଏବଂ ଶେଷରେ ଦୁଆ କରାଇଲେ ।

ଅଜିଜାନ୍ ଅରସଲ ଇମ୍‌ରାନ୍ ଶାହିଦ୍, ବିଲାଲ ଅହ୍‌ମଦ୍, ସରଫରାଜ୍ ଅହ୍‌ମଦ୍, ନୂରଦ୍ଦିନ୍ କାସିମ୍, ମୁହ୍‌ସିନ୍ ଜାଓ୍ୱେଦ୍, ମାହିର୍ ଚିମା, ଜାଜିବ୍ ଅତା, ଅରିଜ୍ ଅହ୍‌ମଦ୍, ଫର୍‌ସାଦ୍ ମେହ୍‌ମୁଦ୍, ଖାକାନ୍ ଆରିଫ୍, ଅଦ୍‌ନାନ୍ ମେହ୍‌ମୁଦ୍ ମଲକ୍, ମସ୍‌ରୁର୍ ଅହ୍‌ମଦ୍ ମଲକ୍, ହାରିସ୍ ଓ୍ୱଲିଦ୍ ଅହ୍‌ମଦ୍ ଏବଂ ବାସିଲ୍ ଇମ୍‌ରାନ୍

ଅଜିଜାତ୍ ୟୁସ୍‌ରା ମନାନ୍, ଜାରାଃ ମନ୍‌ସୁର୍, ରୁହା ଉମର୍, ହିବା ନାସିର୍, ସବାହା ମୁନୀର୍, ଇନାୟା ଅହ୍‌ମଦ୍, ତାବିନା ମସ୍‌ରୁର୍, କଶ୍‌ମାଲା ସହର୍, ଅଲୁନିୟା ମୁସର୍‌ରତ୍ ଶାକିର୍ ଏବଂ ଆୟାନ୍ ଖାନ୍

ତକ୍‌ରିବେ ଆମିନ୍ ପରେ ହଜୁର ଅନଓ୍ୱର ଅ:ବ:ଅ ଜୋହର୍ ଏବଂ ଅସର ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ନିଜ ଆବାସସ୍ଥଳୀକୁ ଚାଲିଗଲେ ।

***କ୍ରମଶଃ***

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଏବେ ଖିଲାଫତ୍ ସେହି ଭଳି ଜାରି ରହିବ ଯେଉଁଭଳି ଅଲ୍ଲାଃ ତାଲା ଏ ନିଷ୍ପତି କରିସାରିଛନ୍ତି ।

ଜୁହୁରେ କୁଦ୍‌ରତେ ସାନିୟା ଅର୍ଥାତ ଖିଲାଫତେ ଅହେମଦିୟାର ବରକତ୍ ଦ୍ୱାରା ଅହେମଦିୟା ମୁସ୍‌ଲିମ୍ ଜମାତ୍ ଉପରେ ବିଗତ ୧୧୩ ବର୍ଷ ମଧ୍ୟରେ ଅବତୀର୍ଣ୍ଣ ହୋଇଥିବା ଈଶ୍ୱରଙ୍କ କୃପାର ଏକ ଝଲକ ।

ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କ ପୂର୍ଣ୍ଣ ଆଜ୍ଞାବହତା ସେତେବେଳେ ହେବ ଆତ୍ମ ସନ୍ତୋଷ ଓ ଶାନ୍ତି ସେତେବେଳେ ମିଳିବ ଯେତେବେଳେ ଆମର ପ୍ରତ୍ୟେକ କାର୍ଯ୍ୟ/କର୍ମ କେବଳ ହିଁ କେବଳ ଅଲ୍ଲାଃଙ୍କ ପ୍ରସନ୍ନତାକୁ ହାସଲ କରିବା ପାଇଁ ହେବ ।

ଯିଏ ଶୁଦ୍ଧତାର ସହିତ ଖିଲାଫତ୍‌ର ଆଜ୍ଞାବହତ ହେବ, ସେମାନେ ହିଁ ବାସ୍ତବିକ ଖିଲାଫତ ପ୍ରତି ବିଶ୍ୱସ୍ତତା ସ୍ଥାପନ କରୁଛନ୍ତି ସେମାନେ ଖିଲାଫତ୍‌ର ସୁରକ୍ଷାକାରୀ ଓ ଖିଲାଫତ୍ ସେମାନଙ୍କର ସୁରକ୍ଷା କରିଥାଏ । ଯୁଗ ଖଲିଫାଙ୍କ ଦୁଆ (ଆର୍ଶୀବାଦ) ସେମାନଙ୍କ ସହିତ ରହିବ । ସେମାନଙ୍କର ଦୁଃଖ କଷ୍ଟକୁ ଦେଖି ଖଲିଫା ସେମାନଙ୍କ ପାଇଁ ଦୁଆ କରିବେ ।

ଏହା ହେଉଛି ସେହି ବାସ୍ତବିକ ଖିଲାଫତ୍ ଯେଉଁଥିରେ ଜମାତ ଓ ଯୁଗ ଖଲିଫାଙ୍କ ସମ୍ପର୍କ ଖୁଦାଙ୍କ ପ୍ରସନ୍ନତା ହାସଲ ନିମନ୍ତେ ରହିଥାଏ । ଏହା ହେଉଛି ସେହି ଖିଲାଫତ୍ ଯାହା ଦୃଢ଼ତା ଓ ଶାନ୍ତିର କାରଣ ହୋଇଥାଏ ।

ପ୍ରତ୍ୟେକ ଅହେମଦୀର ପ୍ରତିଟି କ୍ଷଣ ଯେଉଁଠି ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରି ବିତିବା ଉଚିତ ଯେ ସେ ଆମକୁ ଖିଲାଫତ୍‌ର ପୁରସ୍କାର ପ୍ରଦାନ କରିଛନ୍ତି ସେଠାରେ ନିଜ ନିଜର ସମୀକ୍ଷା କରି ଓ ଅନୁଶୀଳନ କରି ବିତିବା ଉଚିତ ଯେ କ'ଣ ଆମେ ଅଲ୍ଲାଃ ତାଲାଙ୍କ ହୁକୁମ୍ ଅର୍ଥାତ ନିର୍ଦ୍ଦେଶାବଳୀ ଅନୁସାରେ ପରିଚାଳିତ ହେଉଅଛେ କି ?

ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଓ ଆପଣ ସ:ଆ:ସଙ୍କୁ ଅଲ୍ଲାଃ ତାଲା ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ତା' ମୁତାବକ ବିଗତ ୧୧୩ ବର୍ଷ ହେବ ଅଲ୍ଲାଃ ତାଲାଙ୍କ କୃପାକୁ ଅକ୍ଷରେ ଅକ୍ଷରେ ପୂରଣ ହେଉଥିବାର ଦେଖୁଅଛେ ।

ବୟତ ହେଉଛି ତାହା ଯେଉଁଥିରେ ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରାଯାଏ ଓ ଯେଉଁଥିରେ ଖଲିଫାଙ୍କର କୌଣସି ଗୋଟିଏ ହୁକୁମ୍ / ନିର୍ଦ୍ଦେଶକୁ ମଧ୍ୟ ଅଣଦେଖା କରାନଯାଏ । ପ୍ରତ୍ୟେକ ଅବସରରେ ସେହି ମହାନ ଖଲିଫା ଜମାତ୍‌ର ଡ଼ଙ୍ଗାକୁ ଅଲ୍ଲାଃଙ୍କ ସାହାଯ୍ୟ ଓ ସମର୍ଥନ ଦ୍ୱାରା ସଫଳତାର ଲକ୍ଷ୍ୟସ୍ଥଳରେ ପହଂଚାଇଛନ୍ତି ଓ ସୁରକ୍ଷିତ ରଖିଛନ୍ତି ।

ଅଲ୍ଲାଃ ତାଲା ଖିଲାଫତ୍ ସହିତ ସମ୍ପର୍କ ରଖିବା ପାଇଁ ଏକ ନୂଆ ମାର୍ଗ ବତାଇ ଦେଇଛନ୍ତି । ଯେଉଁ ଅନ୍‌ଲାଇନ୍ ସାକ୍ଷାତକାର ବା ଭର୍ଚୁଆଲ୍ ସାକ୍ଷାତକାର ଜରିଆରେ ଏହି କୋଭିଡ୍ ଯୋଗୁଁ ସାମନାକୁ ଆସିଛି । ଏହି ମାଧ୍ୟମରେ ମିଟିଂ ହେଉଅଛି, ସାକ୍ଷାତକାର ହେଉଅଛି ଯଦ୍ୱାରା ପ୍ରତ୍ୟକ୍ଷ ଭାବରେ ଜମାତ୍‌ଗୁଡ଼ିକ ସହିତ ଯୋଗାଯୋଗ ହେଉଅଛି । ଲୋକମାନେ ଯୁଗ ଖଲିଫାଙ୍କ ଠାରୁ ମାର୍ଗଦର୍ଶନ ଲାଭ କରୁଛନ୍ତି । ମୁଁ ଏଠି ଲଣ୍ଡନରୁ କେବେ ଆଫ୍ରୀକାର କୌଣସି ଦେଶ ସହିତ, କେବେ ଇଣ୍ଡୋନେସିଆ ସହିତ, କେବେ ଅଷ୍ଟ୍ରେଲିଆ ସହିତ ଓ କେବେ ଆମେରୀକା ସହିତ ସାକ୍ଷାତ କରିନେଉଛି । ଏହା ସବୁ ଅଲ୍ଲାଃଙ୍କ ସାହାଯ୍ୟ ଓ ସମର୍ଥନର ଦୃଶ୍ୟ ।

ଆମେ କେବେ ଏହା ଭୁଲିବା ଠିକ୍ ନୁହେଁ ଯେ ଅଲ୍ଲାଃ ତାଲା ନିଜର ଯେଉଁ କୃପା କରୁଛନ୍ତି ଓ ଖିଲାଫତ୍‌ର ଐଶି ପୁରସ୍କାର ପ୍ରଦାନ କରିଛନ୍ତି, ଆମେ ଏହାର ହକ୍ ପ୍ରଦାନକାରୀ ହେବା ଯଦ୍ୱାରା କୟାମତ୍ ପର୍ଯ୍ୟନ୍ତ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଆମେ ଏହି ନେମତ୍ ଅର୍ଥାତ ପୁରସ୍କାରରୁ ଲାଭ ଉଠାଇ ଚାଲିବା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୨୮ ମଇ ୨୦୨୧ ଅନୁଯାୟୀ ୨୮ ହିଜ୍‌ରତ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -
وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ ۖ وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْۢ بَعْدِ خَوْفِهِمْ اَمْنًا ۚ يَعْبُدُوْنَنِيْ لَا يُشْرِكُوْنَ بِيْ شَيْـًٔا ۚ وَمَنْ كَفَرَ بَعْدَ ذٰلِكَ فَاُولٰٓئِكَ هُمُ الْفٰسِقُوْنَ ○ وَاَقِيْمُوا الصَّلٰوةَ وَاٰتُوا الزَّكٰوةَ وَاَطِيْعُوا الرَّسُوْلَ لَعَلَّكُمْ تُرْحَمُوْنَ ○ (النور:56-57)

ଉପରୋକ୍ତ ଆୟତର ଅନୁବାଦ ଏହିପରି ଯେ, ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା କରିବେ । ଯେପରି ସେ ସେମାନଙ୍କ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ଏବଂ ଯେଉଁ ଧର୍ମ ହେଉ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢ଼ ଭାବରେ ସ୍ଥାପନା କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ସେ ସେମାନଙ୍କ ପାଇଁ ଶାନ୍ତି ପ୍ରଦ ଅବସ୍ଥାରେ ପରିଣତ କରିଦେବେ । ସେମାନେ ଆମ୍ଭର ଉପାସନା କରିବେ ଓ କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ ଏବଂ ଯେଉଁମାନେ ଏହାକୁ ମଧ୍ୟ ଅମାନ୍ୟ କରିବେ ସେମାନେ ଅମାନ୍ୟକାରୀମାନଙ୍କ ମଧ୍ୟରେ ଗଣ୍ୟ ହେବେ ଏବଂ ତୁମେମାନେ ସମସ୍ତେ ସୁଚାରୁରୂପେ ନମାଜ ପାଠ କର ଓ ଜକାତ୍ ପ୍ରଦାନ କର ଓ ଏହି ରସୁଲ୍‌ଙ୍କର ଆଜ୍ଞାପାଳନ କର, ଯେପିରକି ତୁମମାନଙ୍କ ପ୍ରତି କରୁଣା କରାଯିବ । *(ସୁରଃ ନୂର:- ୫୬-୫୭)*

କାଲି ୨୭ ମଇ ଥିଲା ଯାହାକୁ ଆମେ ୟୌମେ ଖିଲାଫତ୍ (ଖିଲାଫତ୍ ଦିବସ) ରୂପେ ସ୍ମରଣ ରଖିଥାଉ ଏବଂ ପାଳନ କରିଥାଉ । ଏହି ଅବସରରେ ଆମ ଜମାତମାନଙ୍କର ଜଲ୍‌ସା ମଧ୍ୟ ଆୟୋଜନ କରାଯାଇଥାଏ ଯଦ୍ୱାରା ଜମାତ୍‌ର ଇତିହାସ ଓ ଖିଲାଫତ୍ ପ୍ରସଙ୍ଗକୁ ଆମେମାନେ ନିଜର କର୍ତବ୍ୟ ପ୍ରତି ସଚେତନ ରହିବୁ ଏବଂ ଖଲିଫାଙ୍କ ହସ୍ତରେ ବୟତ କରିବାପରେ ହିଁ ସେହି କର୍ତବ୍ୟକୁ ସମ୍ପାଦନ କରିପାରିବୁ ଫଳତଃ ଆମେମାନେ ଅଲ୍ଲାଃ ତାଲାଙ୍କ କୃପାର ଉତରାଧିକାରୀ ହୋଇ ଚାଲିଥିବୁ । ଆମମାନଙ୍କ ଉପରେ ଅଲ୍ଲାଃ ତାଲା ଏ ଉପକାର କରିଛନ୍ତି ଯେ, ଆମେମାନେ ସାମ୍ପ୍ରତିକ ଯୁଗରେ ଅଲ୍ଲାଃ ତାଲାଙ୍କ ପ୍ରେରିତ ବାର୍ତାବହକଙ୍କୁ ମାନିଛେ, ଯିଏ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ସମ୍ପର୍କରେ ଆମମାନଙ୍କୁ ଅବଗତ କରାଇଛନ୍ତି, ତା'ପରେ ପୁଣି ଆମେମାନେ ଖିଲାଫତ୍‌ର ବୟତରେ ଆସିଅଛୁ ଯଦ୍ୱାରା ସେହି ଶିକ୍ଷାକୁ ଆମେମାନେ ନିଜ ଉପରେ ଲାଗୁ କରିବୁ ଯେଉଁ

ଶିକ୍ଷା ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମମାନଙ୍କୁ ଅବଗତ କରାଇଛନ୍ତି ଏବଂ ଏହି ଶିକ୍ଷାକୁ ଆଗକୁ ସମ୍ପ୍ରସାରଣ କରିବା ମଧ୍ୟ ଆମମାନଙ୍କର କର୍ତବ୍ୟ । ଅତଏବ ଖିଲାଫତେ ଅହେମଦିୟା ସହିତ ସଂଶ୍ଳିଷ୍ଟ ରହିବା ପ୍ରତ୍ୟେକ ଅହେମଦି ଉପରେ ଏକ ଗୁରୁଦାୟିତ୍ୱ ନ୍ୟସ୍ତ କରିଥାଏ । ଯଦି ଆମେମାନେ ଉକ୍ତ ଦାୟିତ୍ୱକୁ ସଠିକ୍ ରୂପେ ସମ୍ପାଦନ କରିବା ତା'ହେଲେ ଯାଇ ଆମେ ଅଲ୍ଲାଃ ତାଲାଙ୍କ ସେହି ଉପକାରର ହକ୍‌କୁ ସମ୍ପାଦନ କରିପାରିବା ।

ଯେଉଁ ଆୟତଗୁଡ଼ିକୁ ମୁଁ ଏବେ ଆବଉଅତି କଲି ତହିଁରେ ଅଲ୍ଲାଃ ତାଲା ଯେଉଁଠି **ତମ୍‌କିନତ୍** ଅର୍ଥାତ ଧର୍ମକୁ ଦୃଢ଼ ଭାବରେ ସ୍ଥାପନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରିବା ପାଇଁ ଓ ଭୟପ୍ରଦର ଅବସ୍ଥାକୁ ଶାନ୍ତିରେ ପରିଣତ କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି; ସେଠାରେ ଅଲ୍ଲାଃ ତାଲାଙ୍କ ଏହି ପ୍ରତିଶ୍ରୁତି ଏ ସର୍ତ ସହିତ ରହିଛି ଯେ, ବିଶ୍ୱାସକାରୀମାନେ ଦୃଢ଼ବିଶ୍ୱାସୀ ହେବେ ସତ୍‌କର୍ମକାରୀ ତଥା ପ୍ରକୃତ ଉପାସକ ହେବେ । ସେହି ପ୍ରକୃତ ବିଶ୍ୱାସକାରୀମାନେ ଅଲ୍ଲାଃ ତାଲାଙ୍କ ସହିତ ଅନ୍ୟ କାହାରିକୁ ବି ସମକକ୍ଷ କରୁନଥିବେ । ସମକକ୍ଷର କୌଣସି ଟିକିଏ ଅଂଶ ମଧ୍ୟ ନଥିବ । ଏବଂ ଏହି ସମସ୍ତ ଜିନିଷକୁ ପ୍ରାପ୍ତ କରିବା ପାଇଁ ହେଲେ ଅଲ୍ଲାଃ ତାଲାଙ୍କ ଉପାସନା ଏବଂ ନମାଜ ନିତ୍ୟାନ୍ତ ଆବଶ୍ୟକ । ଅଲ୍ଲାଃ ତାଲା ଆମମାନଙ୍କୁ ଉପାସନା କରିବାପାଇଁ ଯେଉଁ ପନ୍ଥା ସମ୍ପର୍କରେ କହିଛନ୍ତି ତାହା ହେଉଛି ନମାଜ । ଅତଏବ ଅଲ୍ଲାଃ ତାଲାଙ୍କ ଏହି ଉପାସନାକୁ ସମ୍ପାଦନ କରିବା ଉଚିତ । ଅଲ୍ଲାଃ ତାଲାଙ୍କ ମାର୍ଗରେ ବ୍ୟୟ କରିବା ମଧ୍ୟ ନିତ୍ୟାନ୍ତ ଆବଶ୍ୟକ । ତେଣୁ ଅଲ୍ଲାଃ ତାଲାଙ୍କ ମାର୍ଗରେ ନିଜର ପ୍ରୀୟ ଧନକୁ ବ୍ୟୟ କରିବା ଏବଂ ରସୁଲ୍ ଅର୍ଥାତ ବାର୍ତାବହନକାରୀଙ୍କ ଆଜ୍ଞାବହତା ଏବଂ ତାହାଙ୍କ ଆଦେଶ ପାଳନକାରୀ ହେବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ ।

ଅତଏବ ଆମେମାନେ ଯେତେବେଳେ ଏହି କଥାଗୁଡ଼ିକୁ ମନେ ରଖିବା ଓ ନିଜର ଜୀବନକୁ ତଦନୁଯାୟୀ ପରିଚାଳିତ କରିବାପାଇଁ ଚେଷ୍ଟା କରିବା ଏବଂ ଆମେମାନେ ଯେଉଁ ଶପଥ ନେଇଛେ ଯେ, ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବ । ତାହା ଉପରେ ପ୍ରକୃତ ମନୋଭାବ ରଖି ତାହା ଉପରେ ପରିଚାଳିତ ହେବାପାଇଁ ଆମମାନଙ୍କୁ ଅହରହ ଉଦ୍ୟମ କରିବା ଉଚିତ । ଏଣୁ ଏପରି କରିବା ଦ୍ୱାରା ହିଁ ଆମେମାନେ ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରତିଶ୍ରୁତ ପୁରସ୍କାରରୁ ଭାଗୀଦାରୀ ହୋଇପାରିବା ଏବଂ ଖିଲାଫତ୍‌ର ପୁରସ୍କାରରୁ ପ୍ରକୃତ ରୂପେ ଉପକୃତ ହୋଇପାରିବା । ଅତଏବ ଏହି ଆୟତ ବିଶ୍ୱାସକାରୀମାନଙ୍କ ପାଇଁ ଏକ ସୁଖ ଖବର ଅଟେ । କିନ୍ତୁ ତତ୍‌ସହିତ ଆମମାନଙ୍କ ପାଇଁ ଚିନ୍ତାଜନକ ବିଷୟ ମଧ୍ୟ କାରଣ ଉକ୍ତ ଆୟତର ଯେଉଁ ସର୍ତ ରହିଛି ଯଦି ଆମେ ତାହାକୁ ପୂରଣ କରୁନାହୁଁ ତାହେଲେ ଆମେମାନେ କିପରି ଉକ୍ତ ପୁରସ୍କାରରୁ ସଠିକ୍ ରୂପେ ଉପକୃତ ହୋଇପାରିବୁ । ଯଦି ଆମେମାନେ ନମାଜ, ଯକାତ୍ (ଦାନ), ଅଲ୍ଲାଃ ତାଲାଙ୍କର କର୍ତବ୍ୟ ଓ ଭକ୍ତଙ୍କର କର୍ତବ୍ୟ ସମ୍ପାଦନ କରୁନାହୁଁ ତାହେଲେ ଆମେମାନେ ଅଲ୍ଲାଃ ତାଲାଙ୍କ କୃପାକୁ ସାଉଁଟି ପାରିବା ନାହିଁ । କେବଳ ନିଜର ଇତିହାସ ବିଷୟରେ ପରିଚୟ ଲାଭ କରିନେବା ଏବଂ ଖିଲାଫତ୍ ଦିବସ ପାଳନ କରିନେବା ହିଁ ଯଥେଷ୍ଟ ନୁହେଁ ଯେ ପର୍ଯ୍ୟନ୍ତ ଆମେ ପ୍ରକୃତ ଭକ୍ତ ନ ହୋଇଛେ । ତେଣୁ ଯେ ପର୍ଯ୍ୟନ୍ତ ଆମେ ଆମର ନମାଜକୁ ନିୟମିତ ପାଠ ନ କରିଛେ, ଭକ୍ତଙ୍କ କର୍ତବ୍ୟ ସମ୍ପାଦନ ନ କରିଛେ ଏବଂ ଅଲ୍ଲାଃଙ୍କ ପ୍ରତି ଥିବା କର୍ତବ୍ୟର ସମ୍ପାଦନ ନ କରିଛେ ସେ ପର୍ଯ୍ୟନ୍ତ ଆମର ଏହି ୟୋମେ ଖିଲାଫତ୍ (ଖିଲାଫତ୍ ଦିବସ) ପାଳନ କରିବା ବୃଥା । ଅତଏବ ଆମମାନଙ୍କୁ ନିଜର ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି ଯେ ଆମମାନଙ୍କର ବିଶ୍ୱାସର ଅବସ୍ଥା କ'ଣ ? କ'ଣ ଆମମାନଙ୍କଠାରେ ଅଲ୍ଲାଃ ତାଲାଙ୍କ ପ୍ରତି ଭୟ ରହିଛି କି ? କ'ଣ ଆମେମାନେ ଧର୍ମ ପରାୟଣତାର ସୂକ୍ଷ୍ମମାର୍ଗରେ ପରିଚାଳିତ ହେଉଛେ କି ? କ'ଣ ଆମେମାନେ ଅଲ୍ଲାଃ ତାଲା ଓ ତାହାଙ୍କ ସୃଷ୍ଟ ପ୍ରତ୍ୟେକ ବସ୍ତୁକୁ ଭଲ ପାଉଛେ କି ? କ'ଣ ଆମେମାନେ ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହକଙ୍କ ପୂର୍ଣ୍ଣ ଆଜ୍ଞାପାଳନ କରୁଅଛେ ? ତତ୍‌ସହିତ ଆମମାନଙ୍କର ଦୃଷ୍ଟି ନିଜର କର୍ମଆଡ଼କୁ ନିବଦ୍ଧ ହେବା ଉଚିତ । କାରଣ ଆମମାନଙ୍କର କର୍ମ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାନୁଯାୟୀ ହେବା ଉଚିତ । ଆମର କର୍ମ ଲୋକ ଦେଖାଣିଆ ତ ନୁହେଁ ? ଆମର ନମାଜ ଲୋକ ଦେଖାଣିଆ ତ ନୁହେଁ? ଆମର ଅର୍ଥ ବ୍ୟୟ କରିବା, ଜକାତ୍ ଦେବା ଲୋକ ଦେଖାଣିଆ ତ ନୁହେଁ? ଆମମାନଙ୍କର ରୋଜା ଲୋକ ଦେଖାଣିଆ ତ ନୁହେଁ? ଆମମାନଙ୍କର ହଜ୍ କେବଳ ହାଜି ଅର୍ଥ ହଜ୍‌କାରୀ ବୋଲାଇବା ପାଇଁ ତ ନୁହେଁ? ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହକଙ୍କ ପୂର୍ଣ୍ଣ ଆଜ୍ଞାପାଳନ ତ' ସେତେବେଳେ ହେବ, ହୃଦୟକୁ ଆତ୍ମସନ୍ତୋଷ ଏବଂ ଶାନ୍ତି ସେତେବେଳେ ପ୍ରାପ୍ତ ହେବ ଯେତେବେଳେ ଆମମାନଙ୍କର କର୍ମ କେବଳ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବାପାଇଁ ଉଦ୍ଦିଷ୍ଟ ହେବ ଏବଂ ସେତେବେଳେ ଯାଇ ସେହି ସମାଜଟି ଖିଲାଫତ୍‌ର ଛତ୍ରଛାୟା ତଳେ ସ୍ଥାପିତ ହୋଇପାରିବ । ଯେତେବେଳେ ଆମମାନଙ୍କର ସମସ୍ତ କର୍ମ ଅଲ୍ଲାଃ ତାଲାଙ୍କ ଅଧିକାର ଓ ଭକ୍ତମାନଙ୍କର ଅଧିକାରର ସମ୍ପାଦନ କରିବାପାଇଁ ବିବେଚିତ ହେବ । ତେଣୁ କେବଳ ମୌଖିକ କଥା ବା ଉଚ୍ଚାରଣ ଦ୍ୱାରା ନୁହେଁ ବରଂ ଅଲ୍ଲାଃ ତାଲାଙ୍କ ଏହି ଆଦେଶକୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖିବାକୁ ହେବ ଯେ, ସେହି ବିଶ୍ୱାସକାରୀମାନେ ତହିଁରୁ ଉପକୃତ ହେବେ ଯେଉଁମାନଙ୍କର କର୍ମ ପୂର୍ଣ୍ୟ କର୍ମ ଓ ସଠିକ୍ କର୍ମ ହେବ ।

ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସ କୁହନ୍ତି ଯେ, ପବିତ୍ର କୁରଆନ୍ ଶରିଫରେ ଅଲ୍ଲାଃ ତାଲା ବିଶ୍ୱାସ ସହିତ ସତ୍‌କର୍ମର ସର୍ତ ମଧ୍ୟ ରଖିଛନ୍ତି, ସତ୍‌କର୍ମ ତାହାକୁ କହିବା ଯେତେବେଳେ ତହିଁରେ ତିଳେମାତ୍ର ବିକାର ନଥିବ । ମନେରଖ ମନୁଷ୍ୟର କର୍ମ ଓ ଉପରେ ସର୍ବଦା ଚୋର ଲୁଣ୍ଠନ କରିବାକୁ ବସିଥାଏ । ସେହି କର୍ମଗୁଡ଼ିକ କ'ଣ ? ସେହି ଚୋରମାନେ କିଏ ? ସେହି କର୍ମଗୁଡ଼ିକ ହେଲା ଲୋକ ଦେଖାଣିଆ (ଅର୍ଥାତ ମନୁଷ୍ୟ ଯେତେବେଳେ ଲୋକ ଦେଖାଣିଆ କର୍ମ କରିଥାଏ), ଉଜବ୍ (ଅର୍ଥାତ ଗୋଟିଏ କର୍ମ କରି ତଥା କୌଣସି ଏକ ପୂର୍ଣ୍ୟ କର୍ମ କରି ତା'ର ହୃଦୟ ଅତ୍ୟନ୍ତ ଆନନ୍ଦିତ ହୋଇଥାଏ ଏବଂ ନିଜ ମନରେ ଏହି ଭାବ ପ୍ରକାଶ କରିଥାଏ ଯେ, ମୁଁ ବହୁତ ପୂର୍ଣ୍ୟ ଅର୍ଜନ କରିନେଇଛି), ନାନା ପ୍ରକାରର ବ୍ୟଭିଚାର (ଯାହାକୁ ବେଳେବେଳେ ମନୁଷ୍ୟ ଅନୁଭବ ମଧ୍ୟ କରିନଥାଏ) ସେହିପରି ଆହୁରି ଅନେକ ପାପ ରହିଛି ଯାହାକି ତା' ଦ୍ୱାରା ସମ୍ପାଦିତ ହୋଇଥାଏ । ଯଦ୍ୱାରା ମନୁଷ୍ୟର କର୍ମ ବେକାର ହୋଇଯାଏ । ପୂର୍ଣ୍ୟକର୍ମ ତାହାକୁ କହିବା ଯହିଁରେ ଅତ୍ୟାଚାର, ଅହଙ୍କାର, ସ୍ୱାଭିମାନ, ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରିବାର କୌଣସି ଚିନ୍ତାଧାରା ମଧ୍ୟ ମନ ଭିତରେ ନଥିବ । (ଏହା ହେଉଛି ପୂର୍ଣ୍ୟକର୍ମ ଏହା ନୁହେଁ ଯେ କର୍ମ କରିବା ନାହିଁ ବରଂ ହଜୁର କହିଲେ, ଉପରୋକ୍ତ ପାପ ବିଷୟରେ ତୁମ ମନ ଭିତରେ ମଧ୍ୟ ଚିନ୍ତା ଉତ୍ପନ୍ନ ନ ହେଉ ଏହି ମନୋଭାବ ଯେତେବେଳେ ମନ ଭିତରେ ଥିବ ସେତେବେଳେ ଯାଇ ଜଣେ ବ୍ୟକ୍ତି ପ୍ରକୃତ ବିଶ୍ୱାସକାରୀ ହୋଇପାରିବ ଏବଂ ପୂର୍ଣ୍ୟ କର୍ମକାରୀ ରୂପେ ବିବେଚିତ ହେବ) ହଜୁର କହିଲେ ଯେ, ଯେପରି ସୁକର୍ମ ମନୁଷ୍ୟକୁ ନର୍କରୁ ରକ୍ଷା କରିଥାଏ ସେହିପରି ମନୁଷ୍ୟକୁ ସାଂସାରିକ ପାପଠାରୁ ମଧ୍ୟ ଦୂରେଇ ରଖିଥାଏ । ହଜୁର କହିଲେ, ଯଦି ପୁରା ପରିବାରରେ ଜଣେ ପୂର୍ଣ୍ୟବନ୍ତ ବ୍ୟକ୍ତି ତଥା ସତ୍‌କର୍ମକାରୀ ବ୍ୟକ୍ତି ଥାଏ ତାହେଲେ ସମଗ୍ର ପରିବାରର ପାପଠାରୁ ସୁରକ୍ଷିତ ରହିଥାଏ । ଏହା ଭାବି ନିଅ ଯେ, ଯେ ପର୍ଯ୍ୟନ୍ତ ତୁମମାନଙ୍କଠାରେ ସତ୍‌କର୍ମ ଜାତ ହୋଇନାହିଁ ସେ ପର୍ଯ୍ୟନ୍ତ କେବଳ (ମୌଖିକ ଉଚ୍ଚାରଣ କରିଦେବା ଯେ, ଆମେମାନେ ପୂର୍ଣ୍ୟକର୍ମକାରୀ ଓ ସତ୍‌କର୍ମକାରୀ ଅଟୁ) ମାନିନେବା କୌଣସି ଫଳପ୍ରଦ ହେବନାହିଁ । ***(ମଲ୍‌ଫୁଜାତ୍ ଖଣ୍ଡ-୪, ପୃ-୨୭୪-୨୭୫)***

ଅତଏବ ବିଶ୍ୱାସ ସହିତ ସତ୍‌କର୍ମ ନିହାତି ଆବଶ୍ୟକ ଅଟେ । ପୁନଶ୍ଚ ହଜୁର କହିଲେ ଯେ, ସତ୍‌କର୍ମ ଆମମାନଙ୍କର ସ୍ୱପ୍ରସ୍ତାବିତ ପ୍ରସ୍ତାବ ଦ୍ୱାରା ହୋଇପାରିବ ନାହିଁ । ଆମେମାନେ କହୁଛେ ଯେ, ସତ୍‌କର୍ମ ତାହାକୁ କହିବା ଯହିଁରେ ତିଳେମାତ୍ର ବିକାର ନଥିବ କାରଣ ସତ୍‌କର୍ମ ବିକାରରେ ବିପରୀତ ଅଟେ । ଯେପରି ଆହାର ସେତେବେଳେ ପବିତ୍ର ହୋଇଥାଏ ଯେତେବେଳେ ତାହା କଂଚା ହୋଇନଥିବ କିମ୍ବା ପଚିସଢ଼ି ନଥିବ ଏବଂ ନା ହିଁ ତାହା ନିକୃଷ୍ଟ ଧରଣର ଖାଦ୍ୟ ହୋଇଥିବ ଓ ତିଳେମାତ୍ର କୌଣସି ବସ୍ତୁର ଅଭାବ ମଧ୍ୟ ପରିଲିକ୍ଷିତ ହେଉନଥିବ ବରଂ ପବିତ୍ର ଆହାର ଏପରି ହେବା ଉଚିତ ଯାହା ଯଥାଶିଘ୍ର ଶରୀରର ଅଂଶ ହୋଇଯାଉଥିବ ସେତେବେଳେ ତାହା ପବିତ୍ର ଆହାରର ଆଖ୍ୟା ଲାଭ କରିପାରିବ । ସେହିପରି ଏହି ସତ୍‌କର୍ମ ପାଇଁ ଏହା ଆବଶ୍ୟକ ଯେ, ସତ୍‌କର୍ମରେ ମଧ୍ୟ କୌଣସି ପ୍ରକାରର ବିକାର ନଥିବ ଅର୍ଥାତ ଅଲ୍ଲାଃ ତାଲାଙ୍କ ଆଦେଶ ଅନୁଯାୟୀ ସତ୍‌କର୍ମ ହେବା ଉଚିତ ଅର୍ଥାତ ଅଲ୍ଲାଃ ତାଲା ଯାହା ଆଦେଶ ଦେଇଛନ୍ତି ତଦନୁଯାୟୀ କର୍ମ କରିବା ଉଚିତ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁନ୍ନତ ଅର୍ଥାତ କାର୍ଯ୍ୟ ପରମ୍ପରା ଅନୁଯାୟୀ ହେବା ଉଚିତ । ଆଁ ହଜ୍‌ରତ୍ ସ:ଆ:ସ ଆମମାନଙ୍କୁ ଯାହା କରି ଦେଖାଇଛନ୍ତି ଏବଂ କହିଛନ୍ତି ଯେ, ତୁମମାନଙ୍କର କର୍ମ ଏହିପରି ହେବା ଉଚିତ ଏବଂ ତହିଁରେ ସାମାନ୍ୟ ତମ ଆଳସ୍ୟତା ନଥିବ ଏବଂ ଦୁର୍ବଳତା ନଥିବ, ସେହି କର୍ମକୁ ସମ୍ପାଦନ କରିବାରେ ମନ ଭିତରେ କୌଣସି ପ୍ରକାରର ଅହଙ୍କାରଭାବ ନଥିବ, ତାହା ଲୋକ ଦେଖାଣିଆ ହୋଇନଥିବ ଏବଂ ତାହା ନିଜ ଆଡୁ ପ୍ରସ୍ତାବିତ ହୋଇନଥିବ । ଯେତେବେଳେ ଏପରି କର୍ମ କରାଯିବ ସେତେବେଳେ ତାହା ସତ୍‌କର୍ମର ଆଖ୍ୟା ଲାଭ କରିଥାଏ । ତୁମେମାନେ ସତ୍‌କର୍ମ ପାଇଁ କୌଣସି ସ୍ୱପ୍ରସ୍ତାବ ପ୍ରସ୍ତୁତ କରନାହିଁ, ସ୍ୱୟମ ସ୍ପଷ୍ଟିକରଣ ତଥା ବ୍ୟାଖ୍ୟା କରନାହିଁ, ସ୍ୱୟମ ଏହା କୁହନାହିଁ ଯେ, ତହିଁରେ ଏହା ଯଥାର୍ଥ ବା ତାହା ଯଥାର୍ଥ ବରଂ ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହକଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ଆଜ୍ଞାପାଳନ କରିବା ଦ୍ୱାରା ହିଁ ତୁମମାନଙ୍କର କର୍ମ ସତ୍‌କର୍ମର ଆଖ୍ୟା କରିପାରିବ । କହିଲେ ଏହା କିବ୍‌ରିୟତେ ଅହ୍‌ମର୍ ଅଟେ । ***(ମଲ୍‌ଫୁଜାତ୍ ଖଣ୍ଡ-୬, ପୃ-୪୨୫-୪୨୬)***

ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ତୁମେ ଯଦି ଏହି ଅବସ୍ଥାକୁ ପ୍ରାପ୍ତ କରିନିଅ ତାହେଲେ ଜାଣ ଯେ, ତୁମେମାନେ ଅଲ୍ଲାଃ ତାଲାଙ୍କ ପ୍ରତିଶ୍ରୁତିରୁ ଉପକୃତକାରୀ ରୂପେ ବିବେଚିତ ହୋଇପାରିବ । ଏହି ଲୋକମାନେ ହିଁ ସେହି ଲୋକ ଅଟନ୍ତି ଯେଉଁମାନେ ଖିଲାଫତେ ଅହେମଦିୟାର ସ୍ଥାୟିତ୍ୱକୁ ବଜାୟ ରଖିବାର ଶପଥକୁ ପୂର୍ଣ୍ଣ କରୁଛନ୍ତି ନା କି ଏପରି ଲୋକେ ଯେଉଁ ଲୋକମାନଙ୍କ ସମ୍ମୁଖକୁ ଯେତେବେଳେ ସେମାନଙ୍କର ସ୍ୱାର୍ଥ ଆସିଯାଏ ସେତେବେଳେ ସେମାନେ ସତ୍‌କର୍ମର ସ୍ୱୟମ ବ୍ୟାଖ୍ୟା କରିବାକୁ ଲାଗିଯାଆନ୍ତି । ମାରୁଫ୍ ଫଏସଲା ଅର୍ଥାତ ଉଚିତ ନିଷ୍ପତିର ସ୍ୱୟମ ସେମାନେ ବ୍ୟାଖ୍ୟା କରିବାକୁ ଲାଗିଯାଆନ୍ତି । ସେମାନଙ୍କର ନିଜସ୍ୱ ଅହମ୍ ଭାବ ସେମାନଙ୍କୁ ନିଜ କବଳରେ କବଳିତ କରିନେଇଥାଏ । ଏହିପରି ଲୋକମାନେ ଯେଉଁମାନେ ଖିଲାଫତ୍ ସହିତ ଜଡ଼ିତ ରହିବାପାଇଁ ଶପଥ ନେଇଥାନ୍ତି ତାହା ସେମାନଙ୍କୁ କୌଣସି ଲାଭ ପ୍ରଦାନ କରିନଥାଏ । ନିଃସନ୍ଦେହ ସେମାନେ ଏହା କୁହନ୍ତି ଯେ, ଆମେମାନେ ଖିଲାଫତ୍ ସହିତ ଜଡ଼ିତ ତଥା ସଂଶ୍ଳିଷ୍ଟ ଅଛୁ କିନ୍ତୁ ପ୍ରକୃତରେ ସେମାନେ ଖିଲାଫତ୍ ସହିତ ଜଡ଼ିତ ନଥାନ୍ତି କି ସଂଶ୍ଳିଷ୍ଟ ନଥାନ୍ତି । ଅତଏବ ଯେଉଁମାନେ ନିଷ୍ପାପର ମନୋଭାବ ରଖି ଖିଲାଫତ୍‌ର ଆଜ୍ଞାନୁବର୍ତି ହେବେ ସେମାନେ ହିଁ ପ୍ରକୃତରେ ଖିଲାଫତ୍ ସହିତ ବିଶ୍ୱସ୍ତତା ଓ ଆନ୍ତରିକତାର ସମ୍ପର୍କ ରକ୍ଷାକାରୀ ରୂପେ ବିବେଚିତ ହେବେ । ସେମାନେ ଖିଲାଫତ୍‌ର ସୁରକ୍ଷା କରୁଥିବେ ଓ ଖିଲାଫତ୍ ସେମାନଙ୍କର ସୁରକ୍ଷା କରୁଥିବ । ସେମାନଙ୍କ ଦୁଃଖ କଷ୍ଟ ଖଲିଫାଙ୍କୁ ସେମାନଙ୍କ ନିମନ୍ତେ ଦୁଆ କରିବା ପ୍ରତି ଦୃଷ୍ଟି ଆକର୍ଷଣ କରୁଥିବ । ଏହି ସତ୍‌କର୍ମ କାରୀମାନଙ୍କର ଖଲିଫାଙ୍କ ସହିତ ସମ୍ପର୍କ ଏବଂ ଖିଲାଫତ୍‌ର ସେମାନଙ୍କ ସହିତ ସମ୍ପର୍କ କେବଳ ଅଲ୍ଲାଃଙ୍କୁ ପ୍ରସନ୍ନ କରିବା ଖାତିର ହୋଇଥାଏ ।

ଅତଏବ ଏହା ହେଉଛି ସେହି ପ୍ରକୃତ ଖିଲାଫତ୍ ଯହିଁରେ ଯମାତ୍ ଏବଂ ଉପସ୍ଥିତ ଖଲିଫାଙ୍କ ସହିତ ସମ୍ପର୍କ ରକ୍ଷା କରିବା ଓ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପ୍ରାପ୍ତ ପାଇଁ ଉଦ୍ଦିଷ୍ଟ । ଏହା ହିଁ ସେହି ଖିଲାଫତ୍ ଯାହା ଶାନ୍ତି ଓ ସୁଦୃଢ଼ତାର କାରଣ ଅଟେ । ସେହି ବ୍ୟକ୍ତିମାନେ ଓ ଉପସ୍ଥିତ ଖଲିଫାଙ୍କର ସମ୍ପର୍କ ଉଭୟ ଅଲ୍ଲାଃ ତାଲାଙ୍କ କୃପାକୁ ପ୍ରାପ୍ତକାରୀରେ ପରିଣତ କରିବ । ଅନ୍ୟ ମୁସଲମାନମାନେ ଖିଲାଫତ୍ ସ୍ଥାପନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି କିନ୍ତୁ ସାଂସାରିକ ବାହାନା ଏବଂ ସାଂସାରିକ ଉପାୟରେ ସେମାନେ ଖିଲାଫତ୍ ସ୍ଥାପନ କରିବାକୁ ଚାହୁଁଛନ୍ତି । କିନ୍ତୁ ସେମାନେ ଏହା ଭୁଲି ଯାଉଛନ୍ତି ଯେ, ଏହି ବାହାନା ଏବଂ ଉପାୟ ସେମାନଙ୍କୁ କେବେହେଲେ ଲାଭ ପ୍ରଦାନ କରିପାରିବନାହିଁ । ଏହି ଏହ ମାଧ୍ୟମ ଦ୍ୱାରା ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଖିଲାଫତ୍ ସ୍ଥାପନ ହୋଇପାରିବନାହିଁ । ଅତଏବ ବର୍ତ୍ତମାନ ଖିଲାଫତ୍ ଏହିପରି ଜାରି ରହିବ ଯେଉଁଭଳି ଅଲ୍ଲାଃ ତାଲା ଚାହୁଁଛନ୍ତି ଏବଂ ନିଷ୍ପତି ନେଇଛନ୍ତି । ସୁତରାଂ ଏହି କଥାକୁ ଜାଣିନେବା ପରେ ଆମମାନଙ୍କର ହୃଦୟ ଉତ୍ସାହ ଦ୍ୱାରା ଉତ୍ଫୁଲ୍ଲିତ ହୋଇ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଏବଂ ଆମେମାନେ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ ନତମସ୍ତକ ହେବା ଉଚିତ କାରଣ ସେ ଯେଉଁଠି ଆମମାନଙ୍କୁ ଖିଲାଫତ୍‌ର ପୁରସ୍କାର ଦ୍ୱାରା ପୁରସ୍କୃତ କରୁଛନ୍ତି ସେଠାରେ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କର ଭୟ ସର୍ବଦା ନିଜ ମନ ଭିତରେ ରଖି ନିଜର କର୍ମ ଉପରେ ସର୍ବଦା ନଜର ରଖିବା ଉଚିତ । କ'ଣ ଏହା ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲ ଓ ବାର୍ତାବହକଙ୍କ ଆଦେଶ ଅନୁଯାୟୀ ଅଟେ କି? କ'ଣ ଆମମାନଙ୍କର କର୍ମ ଅଲ୍ଲାଃ ତାଲାଙ୍କର ଅଧିକାର ଓ ଭକ୍ତଙ୍କର ଅଧିକାର ସମ୍ପାଦନ କରିବାର ସ୍ତର ଏବଂ ଅଲ୍ଲାଃ ତାଲାଙ୍କ ଦ୍ୱାରା ନିର୍ଦ୍ଦେଶ ସ୍ତର ଅନୁଯାୟୁ ଅଟେ କି ?

ଅତଏବ ପ୍ରତ୍ୟେକ ଅହେମଦିର ପ୍ରତ୍ୟେକ ମୁହୁର୍ତ ଯେଉଁଠି ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରିବାରେ ଅତିବାହିତ ହେବା ଉଚିତ କାରଣ ସେ ଆମମାନଙ୍କୁ ଖିଲାଫତ୍ ଭଳି ନେମତ୍ (ପୁରସ୍କାର) ଦ୍ୱାରା ପୁରସ୍କୃତ କରିଛନ୍ତି ସେଠାରେ ଆମମାନଙ୍କୁ ମଧ୍ୟ ନିଜର ଆତ୍ମସମୀକ୍ଷା କରିବା ଉଚିତ ଯେ, କଣ ଆମେମାନେ ଅଲ୍ଲାଃ ତାଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆଦେଶବଳୀ ଉପରେ ପରିଚାଳିତ ହେଉଛେ ଅବା ନାହିଁ । ଯେତେବେଳେ ଆମେମାନେ ଏହି ମନୋଭାବ ରଖି ନିଜର ଜୀବନକୁ ଅତିବାହିତ କରିବା ଏବଂ ନିଜର କର୍ମକୁ ମଧ୍ୟ ତଦନୁଯାୟୀ କରିବା ଖିଲାଫତର ସ୍ଥାୟିତ୍ୱ ନିମନ୍ତେ ଦୁଆ କରୁଥିବା ତାହେଲେ ଅଲ୍ଲାଃ ତାଲାଙ୍କ ପୁରସ୍କାରର ପାତ୍ର ତଥା ଉତରାଧିକାରୀ ହୋଇଚାଲିଥିବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମମାନଙ୍କୁ ଏହା ହିଁ କହିଛନ୍ତି, ଅଲ୍ଲାଃ ତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ସାନ୍ତ୍ୱନା ମଧ୍ୟ ପ୍ରଦାନ କରିଛନ୍ତି ଯେ, ଖିଲାଫତ୍‌ର ବ୍ୟବସ୍ଥା ଜାରି ରହିବ ଏବଂ ଅଲ୍ଲାଃ ତାଲା ଆପଣ ଆ:ସଙ୍କୁ ଯେଉଁ ଶୁଭ ସମ୍ବାଦ ପ୍ରଦାନ କରିଛନ୍ତି, ଯଦି ଆମେମାନେ ସେହି ସର୍ତଗୁଡ଼ିକୁ ପୂରଣ କରୁଛେ ତାହେଲେ ତାହା ଆମ ସପକ୍ଷରେ ଅବଶ୍ୟ ପୂର୍ଣ୍ଣ ହେବ । ଅତଏବ ଅଲ୍ ଓ୍ୱସିୟତ୍ ପ୍ରକ୍ରିକାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଖିଲାଫତ୍ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରି କହିଛନ୍ତି ।

ହଜ୍‌ରତ୍ ମସିହ୍ ମଉଦସ୍ ଆ:ସ କହିଲେ:- ଏହା ଅଲ୍ଲାଃ ତାଲାଙ୍କର ସୁନ୍ନତ (ରୀତି ବା ପରମ୍ପରା) ଏବଂ ଯେବେଠାରୁ ସେ ମନୁଷ୍ୟକୁ ଏହି ଧରାପୃଷ୍ଠରେ ଜନ୍ମ ଦେଇଛନ୍ତି ସେବେଠାରୁ ସେ ନିଜର ଏହି ପରମ୍ପରାକୁ ପ୍ରକାଶ କରି ଆସୁଛନ୍ତି ଯେ, ସେ ନିଜର ନବୀ ତଥା ବାର୍ତାବହଙ୍କୁ ସାହାଯ୍ୟ କରି ଆସୁଛନ୍ତି ଏବଂ ସେମାନଙ୍କୁ ବିଜୟ ଲାଭ ପ୍ରଦାନ କରି ଆସିଛନ୍ତି । ଯେପରି କି ଅଲ୍ଲାଃ ତାଲା ପବିତ୍ର କୁରଆନ୍‌ରେ କୁହନ୍ତି: **କତବଲ୍ଲାହୁ ଲଅଗଲିବନ୍ନା ଅନା ୱ ରୁସୁଲି (ଅଲ୍‌ମୁଜାଦଲ୍ଲାଃ:୨୨)** ଅଲ୍ଲାଃ ତାଲା ଏହା ଲେଖିଦେଇଛନ୍ତି ଯେ, ସେ ଓ ତାହାଙ୍କ ବାର୍ତାବହ ଅବଶ୍ୟ ବିଜୟ ଲାଭ କରିବେ । ଏହି ଜୟ ଲାଭରୁ ଏହା ଯଥାର୍ଥ ଯେ ଯେପରି କି ରସୁଲ୍ ଓ ନବୀମାନଙ୍କର ଯେଉଁ ଉଦ୍ଦେଶ୍ୟ ରହିଥାଏ ଯେ, ଅଲ୍ଲାଃ ତାଲାଙ୍କର ପ୍ରମାଣ ଭୂପୃଷ୍ଠରେ ସିଦ୍ଧ ହୋଇଯାଉ ଏବଂ ତାହାଙ୍କର କେହି ମୁକାବିଲା କରିନପାରୁ । ଏହିପରି ଭାବରେ ଅଲ୍ଲାଃ ତାଲା ନିଜର ନିଦର୍ଶନ ସହିତ ସେମାନଙ୍କ ଅର୍ଥାତ ନବୀମାନଙ୍କର ସତ୍ୟତାକୁ ପ୍ରକାଶ କରିଥାନ୍ତି ଏବଂ ଯେଉଁ ସତ୍ୟତାକୁ ସେମାନେ ସଂସାରରେ ପ୍ରସାରିତ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତାହାର ବୀଜରୋପଣ ସେମାନଙ୍କ ହସ୍ତ ଦ୍ୱାରା ହିଁ ସମ୍ପାଦନ କରିଦେଇଥାନ୍ତି । କିନ୍ତୁ ଏହାର ପୂର୍ଣ୍ଣ ବିକାଶ ସେମାନଙ୍କ ହସ୍ତ ଦ୍ୱାରା ସମ୍ପାଦିତ ହୋଇନଥାଏ ବରଂ ଏଭଳି ସମୟରେ ଅଲ୍ଲାଃ ତାଲା ନିଜର ବାର୍ତାବହଙ୍କୁ ମୃତ୍ୟୁ ପ୍ରଦାନ କରିଥାନ୍ତି ଯାହାକି ଅସଫଳତାର ଭୟ ପରି ପତିତ ହୋଇଥାଏ, ବିରୋଧିଙ୍କୁ ଥଟ୍ଟା, ପରିହାସ, ବ୍ୟଙ୍ଗ ଓ ବିଦ୍ରୁପର ସୁଯୋଗ ମଧ୍ୟ ପ୍ରଦାନ କରିଥାଏ ଏବଂ ଯେତେବେଳେ ଏହି ବିରୋଧିମାନେ ଥଟ୍ଟା ଓ ପରିହାସ କରିନିଅନ୍ତି ସେତେବେଳେ ଅନ୍ୟ ଏକ ହସ୍ତ ଅର୍ଥାତ ଅଲ୍ଲାଃ ତାଲାଙ୍କର ହସ୍ତ ନିଜର ଶକ୍ତି ପ୍ରଦର୍ଶନ କରିଥାଏ ଏବଂ ଏପରି ପରିସ୍ଥିତି ତଥା ମାଧ୍ୟମ ଉତ୍ପନ୍ନ କରିଦିଅନ୍ତି ଯଦ୍ୱାରା ସେହି ଉଦ୍ଦେଶ୍ୟଗୁଡ଼ିକୁ ଯାହା ଅସମ୍ପୂର୍ଣ୍ଣ ହୋଇ ରହିଯାଇଥିଲା ତାହା କ୍ରମେ ନିଜର ପୂର୍ଣ୍ଣତ୍ୱକୁ ପ୍ରାପ୍ତ କରିଥାଏ ଅର୍ଥାତ ତାହା ପରିପୂର୍ଣ୍ଣତା ଲାଭ କରିଥାଏ ।

***(ଅଲ୍‌ଓ୍ୱସିୟତ୍, ରୁହାନି ଖଜାଇନ୍ ଖଣ୍ଡ-୨୦, ପୃ-୩୦୪-୩୦୫)***

ଆମେମାନେ ଏହା ଦେଖିଥାଉଁ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିୟୋଗରେ ଯେଉଁଠି ପ୍ରତ୍ୟେକ ଅହେମଦୀର ଅନ୍ତର ଦୋହଲି ଯାଇଥିଲା ସେଠାରେ ପରଲୋକମାନେ ମଧ୍ୟ ଆନନ୍ଦ ଓ ପ୍ରସନ୍ନତାର ସଙ୍ଗିତ ଗାନ କରିଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିୟୋଗପରେ ଏପରି ବ୍ୟଙ୍ଗ ପ୍ରଦର୍ଶନ କରାଗଲା ଓ ଏପରି ଅପଶବ୍ଦ କୁହାଗଲା ଯାହାକୁ ଶୁଣିବାପରେ ମାନବତା ଲଜ୍ଜିତ ହୋଇଯାଏ । ବିରୋଧିମାନେ ଏପରି ନିର୍ବୋଧ ଓ ନିରର୍ଥକ କଥା କହିଲେ ଯାହାକୁ ଶୁଣି ମନୁଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଯାଏ ଯେ କ'ଣ ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲଙ୍କ ନାମ ନେଉଥିବା ବ୍ୟକ୍ତିମାନେ ମଧ୍ୟ ଏତେ ତଳକୁ ଖସିଯାଇପାରିବେ? ଏହି ସମସ୍ତ ଅକଥନୀୟ କଥାଗୁଡ଼ିକ ଏଠାରେ ମତେ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ କିନ୍ତୁ ବିରୋଧିମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିୟୋଗ ପରେ ଯମାତ୍‌କୁ ସମାପ୍ତ କରିବାପାଇଁ କିଭଳି ଉଦ୍ୟମ କରିଛନ୍ତି ତାହାର କେତେକ ଚର୍ଚ୍ଚା ଏଠାରେ କରିଦେଉଛି । ଏହି ବିରୋଧିମାନେ ଅହେମଦିମାନଙ୍କୁ କିଭଳି ଯମାତ୍‌ରୁ ଓହରି ଯିବା ନିମନ୍ତେ ମିଥ୍ୟା ସୂଚନା ପ୍ରଦାନ କରିଛନ୍ତି ତାହାର ବର୍ଣ୍ଣନା ଏହିପରି ଅଟେ । ଉଦାହରଣ ସ୍ୱରୂପ ପୀର ଯମାଅତ୍ ଅଲୀ ଶାହ୍‌ଙ୍କ ଅନୁଗାମୀମାନେ କହିଲେ ଯେ, ଦେଖ ! ମିର୍ଜାଇ (ଅର୍ଥାତ କାଦିୟାନୀମାନେ)ମାନେ ମିର୍ଜା ଗୁଲାମ ଅହେମଦୀଙ୍କ ବିୟୋଗ ପରେ କିଭଳି ତୌବାଃ ଅର୍ଥାତ କ୍ଷମାଯାଚନା କରି ବୟତ କରୁଅଛନ୍ତି ।

***(ତାରିଖେ ଅହେମଦୀୟତ୍, ଖଣ୍ଡ-୩, ପୃ-୨୦୪)***

ଖ୍ୱାଜା ହସନ୍ ନିଜାମୀ ସାହେବ ଅହେମଦିମାନଙ୍କୁ ପରାମର୍ଶ ଦେଇ କହନ୍ତି ଯେ, ଆପଣମାନେ **ବର୍ତମାନ ମିର୍ଜା ସାହେବଙ୍କ ମସିହ ଓ ମେହ୍‌ଦୀ ହେବାର ଦାବିକୁ ସ୍ପଷ୍ଟ ରୂପେ ପ୍ରତ୍ୟାଖ୍ୟାନ କରନ୍ତୁ ।** ନଚେତ ସମ୍ଭବତଃ ମିର୍ଜା ସାହେବଙ୍କ ଭଳି ବୁଦ୍ଧିମାନ ଏବଂ ବ୍ୟବସ୍ଥିତ ବ୍ୟକ୍ତିଙ୍କ ଅନୁପସ୍ଥିତିରେ ଅହେମଦୀ ଯମାତ୍ ଆମ ଅଣଅହେମଦୀଙ୍କ ବିରୋଧ, ଦଙ୍ଗା ତଥା ଅଶାନ୍ତିକୁ ସହ୍ୟ କରିପାରିବ ନାହିଁ । ଫଳତଃ ଅହେମଦୀୟତ ସମ୍ପୂର୍ଣ୍ଣ ରୂପେ ଅବ୍ୟବସ୍ଥା ଓ ଭୁଷୁଡ଼ି ପଡ଼ିବ ।

***(ତାରିଖେ ଅହେମଦୀୟତ୍, ଖଣ୍ଡ-୩, ପୃ-୨୦୬)***

ଖ୍ୱଜା ସାହେବ ନିଜ ପକ୍ଷରୁ ଏହି ବୟାନ ବଡ଼ ରାଜନୈତିକ ଶୈଳୀରେ, ନିଜ ଆଡୁ ବଡ଼ ନରମ ଭାଷା ପ୍ରୟୋଗ କରି ଏହି ପରାମର୍ଶ ଦେଉଥିଲେ । ଏହି ବ୍ୟକ୍ତିଜଣକ ଅତ୍ୟନ୍ତ ଗମ୍ଭୀର ସ୍ୱଭାବର ବ୍ୟକ୍ତି ଥିଲେ । ପ୍ରକାଶ୍ୟ ରୂପେ କହିବାକୁ ଗଲେ ସେ ଅତ୍ୟନ୍ତ ସରଳ ବ୍ୟକ୍ତି ହୋଇ ଏବଂ ଅହେମଦିମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରି ଅହେମଦିମାନଙ୍କୁ ପରାମର୍ଶ ଏବଂ ପ୍ରସ୍ତାବ ଦେଉଥିଲେ ଯେ, ମିର୍ଜା ସାହେବ ତ' ଆର ପାରିକୁ ଚାଲିଗଲେ, ବର୍ତମାନ ତୁମମାନଙ୍କୁ ଆଉ କିଏ ସମ୍ଭାଳିପାରିବେ କିଏ ତୁମ କଥା ବୁଝିବ? ତାଙ୍କ କହିବାର ଅର୍ଥ ଏହା ଯେ, ମିର୍ଜା ସାହେବଙ୍କ ବିୟୋଗ ପରେ ତୁମମାନଙ୍କୁ ଆଉ କେହି ସମ୍ଭାଳିବ ନାହିଁ । ତେଣୁ ତୁମେମାନେ ଅହେମଦିୟତ୍ ଛାଡ଼ିଦିଅ ! ଏବଂ ଆସ ଆମ ସହିତ ଆସି ମିଶିଯାଅ । କିନ୍ତୁ ତାଙ୍କୁ ଜଣା ନଥିଲା ଓ ତାଙ୍କର ଆଖି ଅଲ୍ଲାଃ ତାଲାଙ୍କର ସେହି ପ୍ରତିଶ୍ରୁତିର ଭବ୍ୟତାକୁ ଦେଖିପାରୁ ନଥିଲା । ଅର୍ଥାତ ଅଲ୍ଲାଃ ତାଲା ହଜ୍‌ରତ ମସିହ୍ ମଉଦ୍ ଆ:ସଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଯେ, ମୁଁ ତୁମ୍ଭ ସହିତ ଓ ତୁମ୍ଭ ପ୍ରିୟଜନଙ୍କ ସହିତ ରହିଛି" ।

***(ଅଲ୍‌ହକମ୍ ଖଣ୍ଡ-୧୧, ସଂଖ୍ୟା-୪୬, ୨୪ ଡ଼ିସେମ୍ବର ୧୯୦୭, ପୃ-୪)***

ଅଲ୍ଲାଃ ତାଲା ହଜ୍‌ରତ୍ ମସିହ ମଉଦ ଆ:ସଙ୍କୁ ଐଶୀବାଣୀ କରି ପ୍ରତିଶ୍ରୁତି ଏବଂ ଆଶ୍ୱାସନା ଦେଇଥିଲେ ଯେ, ତାଙ୍କ ପରେ ଖିଲାଫତ୍‌ର ପରମ୍ପରା ଆରମ୍ଭ ହେବ ଏବଂ ଯେଉଁ ପ୍ରତିଶ୍ରୁତି ଏବଂ ଭବିଷ୍ୟବାଣୀଗୁଡ଼ିକ ରହିଛି ତାହା ମଧ୍ୟ ଅବଶ୍ୟ ପୂରଣ ହେବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ପଷ୍ଟ କହିଛନ୍ତି ଯେ, ଏହି ନବୀମାନଙ୍କର ଯମାତ୍ ଦ୍ୱିତୀୟ କୁଦ୍‌ରତ୍ (ଅର୍ଥାତ ଈଶ୍ୱରଙ୍କର ଦ୍ୱିତୀୟ ବ୍ୟବସ୍ଥା) ଓ ଶକ୍ତିକୁ ମଧ୍ୟ ଚାହିଁ ବସିଥାଏ । ଏଠାରେ ନବୀ ଅର୍ଥାତ ଅବତାରମାନଙ୍କ ଉଦାହରଣ ଦେଇ ସେହି ଲୋକମାନଙ୍କୁ ମଧ୍ୟ ଉତର ଦେଇ ଦେଇଛନ୍ତି ଯେଉଁମାନେ ଦୁର୍ବଳ ସ୍ୱଭାବ ଅହେମଦି ଅଟନ୍ତି ଏବଂ ବେଳେବେଳେ ତାଙ୍କ ପାଟି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ନବୀ କହିବାକୁ ବିଚଳିତ ହୋଇଥାଏ । ଏଠାରେ ସେହି ଅହେମଦିମାନଙ୍କୁ ମଧ୍ୟ ଉତର ଦିଆଯାଇଛି । ଅର୍ଥାତ ହଜ୍‌ରତ୍ ମସିହ ମଉଦ ଆ:ସ କୁହନ୍ତି ଯେ, ମୋର ଜମାଅତ୍ ହେଉଛି ନବୀଙ୍କ ଜମାଅତ ଏବଂ ମୁଁ ହେଉଛି ନବୀ ଅଟେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ନବୀଙ୍କ ଯମାତ୍ ଅନ୍ୟ ଏକ ଐଶ୍ୱରିକ ଶକ୍ତିକୁ ମଧ୍ୟ ଉପଲବ୍ଧି କରିନେଇଥାଏ ଏବଂ ତୁମେମାନେ ଯଦି ବିଶ୍ୱାସ ଉପରେ ଅବିଚଳ ଥାଅ ଏବଂ ସତ୍‌କର୍ମ କର ତାହେଲେ ତୁମେମାନେ ମଧ୍ୟ ସେହି ଅଲୌକିକ ଶକ୍ତିକୁ ଦେଖିନେବ ବା ଉପଲବ୍ଧି କରିନେବ ।

ଅତଏବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁଦ୍‌ରତେ ସାନିୟା ଅର୍ଥାତ ଦ୍ୱିତୀୟ ଆଲୌକିକ ଶକ୍ତି (ଖିଲାଫତ୍) ସଂପର୍କରେ ମତ ବ୍ୟକ୍ତ କରି କହନ୍ତି ଯେ: ଅଲ୍ଲାଃ ତାଲା ଦୁଇପ୍ରକାରର ଶକ୍ତି ପ୍ରଦର୍ଶନ କରିଥାନ୍ତି (୧) ପ୍ରଥମତଃ ସ୍ୱୟମ ନବୀମାନଙ୍କ ହସ୍ତ ମାଧ୍ୟମରେ ନିଜର ସେହି ଆଲୌକିକ ଓ ଐଶ୍ୱରିକ ଶକ୍ତିକୁ ପ୍ରଦର୍ଶନ କରନ୍ତି (୨) ଦ୍ୱିତୀୟତଃ ଅଲ୍ଲାଃ ତାଲା ଏଭଳି ସନ୍ଦିକ୍ଷଣ ମୁହୂର୍ତ୍ତରେ ଯେତେବେଳେ ନବୀଙ୍କ ବିୟୋଗପରେ ବିଶ୍ୱାସକାରୀଙ୍କୁ ନାନାପ୍ରକାରର ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିଥାଏ ଏବଂ ଶତ୍ରୁପକ୍ଷ ନିଜର ସକଳ ସାମର୍ଥ୍ୟ ଏବଂ ଶକ୍ତିକୁ ବିନିଯୋଗ କରି ନବୀଙ୍କ ଯମାତ୍‌କୁ ସମାପ୍ତ କରିଦେବାପାଇଁ ଆଗେଇ ଆସନ୍ତି ଏବଂ ସେମାନେ ଭାବନ୍ତି ଯେ, ନବୀଙ୍କ ଯମାତ୍‌ର ବର୍ତମାନ କାମ ବିଗିଡ଼ି ଯାଇଛି । ସେମାନେ ଏହା ବିଶ୍ୱାସ କରିନିଅନ୍ତି ଯେ, ବର୍ତମାନ ଏହି ଯମାତ୍ ସମାପ୍ତ ହୋଇଯିବ ଏବଂ ଯମାତ୍‌ର ସଦସ୍ୟମାନେ ମଧ୍ୟ ସ୍ୱୟମ ଅସମଞ୍ଜସ୍ୟ ଓ ଦ୍ୱିବିଧାରେ ପଡ଼ିଯାଆନ୍ତି । ସେମାନଙ୍କର ଅଂଟା ଭାଙ୍ଗି ଯାଇଥାଏ ଏପରି କି ଅନେକ ହତଭାଗ୍ୟ ବ୍ୟକ୍ତିମାନେ ତ' ନିଜ ଧର୍ମରୁ ଓହରି ଯିବାର ମାର୍ଗ ଆପଣାଇ ନେଇଥାନ୍ତି । ଠିକ୍ ସେତିକିବେଳେ ଅଲ୍ଲାଃ ତାଲା ଦ୍ୱିତୀୟ ଥର ପାଇଁ ନିଜର ସେହି ଭବ୍ୟ ତଥା ଅଲୌକିକ ଓ ଐଶୀ ଶକ୍ତି ପ୍ରଦର୍ଶନ କରନ୍ତି ଏବଂ ପତନମୁଖୀ ଯମାତ୍‌କୁ ସମ୍ଭାଳି ନିଅନ୍ତି । ଅତଏବ ସେହି ବ୍ୟକ୍ତି ଯିଏ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ରକ୍ଷା କରେ ସେ ଅଲ୍ଲାଃ ତାଲାଙ୍କ ସେହି ଚମତ୍କାରକୁ ଅବଲୋକନ କରେ ବା ଦେଖେ ଯେଉଁଭଳି ଚମତ୍କାର ହଜ୍‌ରତ୍ ଅବୁବକର ର:ଅଙ୍କ ସମୟରେ ହୋଇଥିଲା । ଆଁ ହଜ୍‌ରତ୍

ସ:ଆ:ସଙ୍କ ମୃତ୍ୟୁକୁ ଏକ ଅସମୟ ମୃତ୍ୟୁ ବୋଲି ଗ୍ରହଣ କରିନିଆଗଲା ଏବଂ ପଲ୍ଲିପ୍ରବଣ ଜନତାମାନେ ଧର୍ମରୁ ଓହରି ଗଲେ ଏବଂ ସାହାବାମାନେ ମଧ ଦୁଃଖରେ ଭାଙ୍ଗିପଡ଼ି ପାଗଳଙ୍କ ପରି ହୋଇଯାଇଥିଲେ । ସେତେବେଳେ ଅଲ୍ଲାଃ ତାଲା ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅଙ୍କୁ ଛିଡ଼ା କରି ପୁର୍ନବାର ନିଜର ସେହି ଐଶ୍ୱରିକ ତଥା ଅଲୌକିକ ଶକ୍ତିକୁ ପ୍ରଦର୍ଶନ କରିଥିଲେ ଏବଂ ଇସ୍‌ଲାମ୍‌କୁ ଧ୍ୱଂସ ମୁଖରୁ ରକ୍ଷା କରିଥିଲେ । ଅତଏବ ଅଲ୍ଲାଃ ତାଲା ନିଜର ସେହି ପ୍ରତିଶୃତିକୁ ମଧ ରକ୍ଷା କଲେ ଯେଉଁ ପ୍ରତିଶୃତି ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ କରିଥିଲେ । ଅର୍ଥାତ **ୱ୍ଲଯୁମକ୍କିନନ୍ନା ଲହୁମ୍ ଦୀନହୁମୁଲ୍ ଲ୍ଲଜିର୍ ତଜା ଲହୁମ୍ ୱ୍ଲଯୁବଦ୍ଦିଲନ୍ନହୁମ୍ ମିଗ୍ ବାଦି ଖୌଫଇହିମ୍ ଅମ୍‌ନା (ନୂର:୫୬)** ଅର୍ଥାତ ସେ ସେମାନଙ୍କ ପାଇଁ ତାହାକୁ ଦୃଢ଼ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ସେ ସେମାନଙ୍କ ପାଇଁ ଶାନ୍ତି ପ୍ରଦ ଅବସ୍ଥାରେ ପରିଣତ କରିଦେବେ ।"

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ କୁହନ୍ତି ହେ ପ୍ରୀୟଜନ ! ଆବାହମାନ କାଳରୁ ଅଲ୍ଲାଃ ତାଲାଙ୍କ ଏହି ପରମ୍ପରା ରହି ଆସିଛି ଯେ, ସେ ଦୁଇ ପ୍ରକାରର ଶକ୍ତିର ପ୍ରଦର୍ଶନ କରିଥାନ୍ତି । କାରଣ ବିରୋଧିଙ୍କର ଦୁଇଟି ଆନନ୍ଦକୁ ସେ ପଣ୍ଡ କରିଦେଖାଇଦେବେ ଅତଏବ ବର୍ତମାନ ଆଉ ମନ ବ୍ୟଥିତ ହେବାର ଆବଶ୍ୟକତା ନାହିଁ କାରଣ ଅଲ୍ଲାଃ ତାଲା ନିଜର ପୁରାତନ ପରମ୍ପରାକୁ ପରିତ୍ୟାଗ କରନ୍ତି ନାହିଁ । ଏଣୁ ମୁଁ ତୁମ୍‌ମାନଙ୍କ ଆଗରେ ଯେଉଁ କଥା ବର୍ଣ୍ଣନା କରିଛି ତୁମେମାନେ ତହିଁରୁ ଦୁଃଖିତ ଏବଂ ବ୍ୟଥିତ ହୁଅନାହିଁ କାରଣ ତୁମ ପାଇଁ ଅନ୍ୟ ଏକ ଐଶୀ ଶକ୍ତିକୁ ମଧ ଅବଲୋକନ ତଥା ଉପଲବ୍ଧୀ କରିବାର ଆବଶ୍ୟକତା ରହିଛି । ତାହାର ଆଗମନ ତୁମ୍‌ମାନଙ୍କ ପାଇଁ ଉତମ ହେବ କାରଣ ତାହା ସ୍ଥାୟୀ ଅଟେ ଓ ଯାହାର ଶୃଙ୍ଖଳା ପ୍ରଳୟ ଦିବସ ପର୍ଯ୍ୟନ୍ତ ଭାଙ୍ଗିବ ନାହିଁ । ଏବଂ ଯେପର୍ଯ୍ୟନ୍ତ ମୁଁ ଏହି ମର୍ତ୍ୟମଣ୍ଡଳରୁ ନଯାଇଛି ସେପର୍ଯ୍ୟନ୍ତ ସେହି ଐଶୀ ଶକ୍ତି ଆବିର୍ଭୁତ ହେବନାହିଁ ବା ଆସିପାରିବ ନାହିଁ । କିନ୍ତୁ ମୁଁ ଗଲା ପରେ ଅଲ୍ଲାଃ ତାଲା ସେହି ଦ୍ୱିତୀୟ ଐଶୀ ତଥା ଆଲୌକିକ ଶକ୍ତିକୁ ତୁମ୍‌ମାନଙ୍କ ପାଇଁ ପ୍ରେରଣ କରିଦେବେ ଏବଂ ତାହା ଚୀରକାଳ ପାଇଁ ତୁମ ସହିତ ରହିବ । ଅଲ୍ଲାଃ ତାଲା ଯେପରି ବରାହିନେ ଅହେମଦିୟା ପୁସ୍ତକରେ ପ୍ରତିଶୃତି ଦେଇଛନ୍ତି ଏବଂ ସେହି ପ୍ରତିଶୃତି ମୋ ଅସ୍ତିତ୍ୱ ସମ୍ପର୍କରେ ନୁହେଁ ବରଂ ତୁମ ସମ୍ପର୍କରେ ସେହି ପ୍ରତିଶୃତି ରହିଛି । ଯେପରି ଅଲ୍ଲାଃ ତାଲା କୁହନ୍ତି ଯେ, ମୁଁ ତୁମ ଯମାତ୍‌ର ଅନୁଗାମୀଙ୍କୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରିବି । ଅତଏବ ତୁମ୍‌ମାନଙ୍କ ପାଇଁ ମୋର ବିଚ୍ଛେଦର ଦିନ ମଧ ଆସିବ କାରଣ ଏହାପରେ ସେହି ଦିନ ମଧ ଆସିବ ଯାହା ସର୍ବକାଳିକ ତଥା ଚୀରକଳା ପାଇଁ ପ୍ରତିଶୃତିର ଦିନ । ଆମର ସେହି ପ୍ରତିଶୃତି ରକ୍ଷାକାରୀ ପ୍ରଭୁ ଏବଂ ସତ୍ୟ ଓ ବିଶ୍ୱସ୍ତତା ତଥା ସତ୍ୟବାଦୀ ପ୍ରଭୁ ଅଟନ୍ତି ସେ ତୁମ୍‌କୁ ସେହି ସବୁ ଦେଖାଇବେ ଯାହାର ସେ ପ୍ରତିଶୃତି ଦେଇଥିଲେ । ଯଦିଓ ଏହି ଦିନଗୁଡ଼ିକ ହେଉଛନ୍ତି ସଂସାରର ଶେଷ ଦିନ ଓ ଭୀଷଣ ବିପତିର ଦିନ ଆଗକୁ ଅବତୀର୍ଣ୍ଣ ହେବାକୁ ଅଛି ତେଣୁ ଏହା ନିଶ୍ଚିତ ଯେ ସେପର୍ଯ୍ୟନ୍ତ ଏ ଦୁନିଆ କାଏମ୍ ରହିବ ଯେପର୍ଯ୍ୟନ୍ତ ସେହି ସମସ୍ତ କଥା ପୂରଣ ନ ହୋଇଛି, ଯାହାର ଖବର ଖୁଦାତାଲା ପୂର୍ବରୁ ଦେଇଥିଲେ । ମୁଁ ଅଲ୍ଲାଃ ତାଲାଙ୍କ ତରଫରୁ ଏକ ଐଶୀ ଶକ୍ତି ସ୍ୱରୁପ ଆବିର୍ଭୁତ ହୋଇଛି ଏବଂ ମୁଁ ଅଲ୍ଲାଃ ତାଲାଙ୍କ ଐଶୀଶକ୍ତିର ଏକ ପ୍ରତିମୂର୍ତି ଅଟେ । ମୋ ପରେ ଅନ୍ୟ କେତେକ ଅସ୍ତିତ୍ୱ ହେବେ ଯେଉଁମାନେ ଦ୍ୱିତୀୟ ଐଶ୍ୱରୀକ ଶକ୍ତି ଓ ଗୁଣାବଳୀର ଅଧିକାରୀ ତଥା ପ୍ରକାଶ୍ୟକାରୀ ହେବେ । ଅତଏବ ତୁମେମାନେ ଅଲ୍ଲାଃ ତାଲାଙ୍କ ସେହି ଦ୍ୱିତୀୟ ଆଲୌକିକ ଶକ୍ତିର ଅପେକ୍ଷାରେ ଏକତ୍ରିତ ହୋଇ ଦୁଆ କରୁଥାଅ ।

***(ଅଲ୍‌ୱସିୟତ୍, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୩୦୬-୩୦୬)***

ଅତଏବ ଆମେମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଏବଂ ଅଲ୍ଲାଃ ତାଲା ଯେଉଁ ପ୍ରତିଶୃତି ଦେଇଥିଲେ ତା ମୁତାବକ ଦୀର୍ଘ ୧୧୩ ବର୍ଷ ହେବ ଅଲ୍ଲାଃଙ୍କ କୃପା ଓ ଆଶିଷକୁ ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଉଥିବାର ଦେଖୁଅଛୁ । ସେହି ଲୋକମାନେ ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିୟୋଗରେ କହୁଥିଲେ ଯେ, ବର୍ତମାନ ଏମାନଙ୍କର ମୁଣ୍ଡ କଟିଗଲା ଏବଂ ବର୍ତମାନ ଏମାନଙ୍କ ପାଖରେ ଆଉ କିଛି ନାହିଁ । କେତେକ କଥା ମୁଁ ପୂର୍ବେ ମଧ ବର୍ଣ୍ଣନା କରି ଆସିଛି ଯେ, ବିରୋଧିମାନେ ଅହେମଦିମାନଙ୍କୁ ଏହା କହୁଥିଲେ ଯେ, ଆରେ ତୁମେମାନେ ଅହେମଦିୟତ ଛାଡ଼ିଦିଅ କାରଣ ଏହି ଯମାତ୍‌କୁ ଆଉ କେହି ସମ୍ଭାଳିବାବାଲା ନାହାନ୍ତି ।

ପୁନଶ୍ଚ ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ (ପ୍ରଥମ ଖଲିଫା)ଙ୍କ ସମ୍ପର୍କରେ କର୍ଜନ ଗେଜେଟ ନାମକ ସମ୍ବାଦପତ୍ର ଉଲ୍ଲେଖ କଲା ଯେ, ବର୍ତମାନ ମିର୍ଜାଇମାନଙ୍କ ନିକଟରେ ଆଉ କ'ଣଟା ବାକି ରହିଯାଇଛି । ସେମାନଙ୍କର (ଅର୍ଥାତ ଅହେମଦିମାନଙ୍କର) ଶିର ଛେଦ ତ' ହୋଇଯାଇଛି । ସେମାନଙ୍କର ଯିଏ ଇମାମ୍ (ଧର୍ମାଧକ୍ଷ) ହୋଇଛନ୍ତି ତାଙ୍କ ଦ୍ୱାରା ତ' କିଛି କାମ ହୋଇପାରିବ ନାହିଁ । ଅବଶ୍ୟ ସେ ତୁମ୍‌ମାନଙ୍କୁ ମସ୍‌ଜିଦ୍‌ରେ ପବିତ୍ର କୁର୍‌ଆନ୍ ଶୁଣେଇବେ । କିନ୍ତୁ ସେହି ଅବୋଧ ଓ ଅଜ୍ଞାନମାନଙ୍କୁ କ'ଣ ଜଣାଥିଲା ଯେ ଏହା ହିଁ ତ ସେହି ମହାନ କାର୍ଯ୍ୟ ଯେଉଁ କାର୍ଯ୍ୟକୁ କରିବାପାଇଁ ହଜ୍‌ରତ୍ ଇବ୍ରାହିମ୍ ଆ:ସ ନିଜର ବଂଶଧର ମଧ୍ୟରୁ ଏକ ମହାନ୍ ରସୁଲ୍ ଆବିର୍ଭାବ ହେବାପାଇଁ ଦୁଆ କରିଥିଲେ । ସେହି ମହାନ୍ ଧର୍ମ ବିଧାନ ଯେଉଁ ଧର୍ମ ବିଧାନକୁ ଧରି ଆଁ ହଜ୍‌ରତ୍ ସ:ଆ:ସ ଅବତୀର୍ଣ୍ଣ ହୋଇଥିଲେ ଓ ଏହା ହିଁ ସେହି ପୂର୍ଣ୍ଣଧର୍ମ ପୁସ୍ତକ ଯାହାକୁ ପଠନ କରିବା ଓ କରାଇବା ବ୍ୟକ୍ତି ଇହ କାଳ ଓ ପରକାଳରେ ସଫଳ୍ୟ ମଣ୍ଡିତ ହୋଇଥାନ୍ତି । ଏହି ହିଁ ସେହି ଧର୍ମ ପୁସ୍ତକ ଯେଉଁ ପୁସ୍ତକର ଶିକ୍ଷାକୁ ପ୍ରସାରିତ କରିବାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅବତୀର୍ଣ୍ଣ ହୋଇଛନ୍ତି ଏବଂ ଏହି କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ଖିଲାଫତ୍‌ର ବ୍ୟବସ୍ଥା ଜାରି ହୋଇଅଛି । ସେ ଯାହା ହେଉ ନା କାହିଁକି ସେହି ବିରୋଧି ବ୍ୟକ୍ତିଙ୍କର ଏହି କଥାକୁ ଶୁଣି ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅ କହିଲେ ଯେ, ଅଲ୍ଲାଃ ତାଲା କରନ୍ତୁ କି ମୁଁ ତୁମ୍‌ମାନଙ୍କୁ ପବିତ୍ର କୁର୍‌ଆନ୍ ଶୁଣାଉଥିବି ।

***(ବଦର କାଦିଆନ୍ ୭ ଜାନୁୟାରୀ ୧୯୦୯, ସଂଖ୍ୟା-୧୦, ଖଣ୍ଡ-୮, ପୃ-୫)***

ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ଏହି କାର୍ଯ୍ୟକୁ ଭଲଭାବରେ ତ' ସମ୍ପାଦନ କଲେ କିନ୍ତୁ ଶତୃପକ୍ଷର ଏହି ଚିନ୍ତାଧାରା ରହିଥିଲା ଯେ,ବର୍ତମାନ ଏହି ଯମାତ୍‌ର ବ୍ୟବସ୍ଥାରେ ଦୁର୍ବଳତା ପରିଲକ୍ଷିତ ହେବ ଏବଂ ଯମାତ୍‌ର ଏକତା ଭାଙ୍ଗିଯିବ ବୋଲି ଏହି ଦୃଶ୍ୟକୁ ଦେଖିବାପାଇଁ ଶତୃ ର ଆଶା ରହିଗଲା ସେ ତାହା ଦେଖିପାରିଲାନାହିଁ । ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅ କପଟ ବିଶ୍ୱାସୀ ଏବଂ ଅଞ୍ଜୁମନ୍‌ର କେତେକ ସ୍ତମ୍ଭ ଅର୍ଥାତ ବଡ଼ ବଡ଼ ବ୍ୟକ୍ତି ବିଶେଷରଙ୍କର ଫିତ୍‌ନା ଅର୍ଥାତ ବିଭ୍ରାଟମୂଳକ କାର୍ଯ୍ୟକୁ ଏତେ ଦୃଢ଼ତାର ସହିତ ପ୍ରତିରୋଧ କଲେ ଯେ, କାହାରି ସାହାସ ହେଲା ନାହିଁ ଯେ, କେହି କୌଣସି ପ୍ରକାରର କଳହ ଏବଂ ଉପଦ୍ରବ ସୃଷ୍ଟି କରିବ । ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅ ଖିଲାଫତ୍‌ର ପ୍ରଥମ ଭାଷଣରେ କହିଲେ ଯେ, "ବର୍ତମାନ ତୁମ୍‌ମାନଙ୍କର ସ୍ୱଭାବର ମାନସିକତା ଏବଂ ଅବସ୍ଥା ଯାହା ଥାଉ ନା କାହିଁକି କିନ୍ତୁ ତୁମ୍‌ମାନଙ୍କୁ ମୋ ଆଦେଶବଳୀର ଆଜ୍ଞାପାଳନ କରିବାକୁ ପଡ଼ିବ ।

***(ବଦର କାଦିଆନ୍ ୨ ଜୁନ୍ ୧୯୦୮, ସଂଖ୍ୟା- ନଂ-୨୨, ଖଣ୍ଡ-୭, ପୃ-୮)***

ସେହିପରି ଅନ୍ୟ ଏକ ଅବସରରେ ମସ୍‌ଜିଦ୍ ମୁବାରକ୍‌ରେ ଅତ୍ୟନ୍ତ ଓଜନଦାର ଭାଷଣ ଦେଇ କହିଲେ ଯେ, ତୁମେମାନେ ତୁମ କର୍ମ ଦ୍ୱାରା ମତେ ଏତେ ଦୁଃଖ ଦେଇଛ ଯେ, ମୁଁ ମସ୍‌ଜିଦ୍‌ର ସେହି ଭାଗରେ ମଧ ଛିଡ଼ା ହେଲି ନାହିଁ ଯାହାକି ତୁମ ଦ୍ୱାରା ନିର୍ମାଣ ହୋଇଥିଲା ବରଂ ମୁଁ ମୋ ମିର୍ଜାଙ୍କ ମସ୍‌ଜିଦ୍‌ରେ ଛିଡ଼ା ହୋଇଛଇ । ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅ ସେହି ଭାଗରେ ଛିଡ଼ା ହୋଇଥିଲେ ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ, ଆରମ୍ଭରୁ ତିଆରି ହୋଇଥିଲା । ଆପଣ ସେ ଅଂଶରେ ଛିଡ଼ା ହୋଇନଥିଲେ ଯେଉଁ ଅଂଶରେ ପରବର୍ତୀ ସମୟରେ ଯମାତ୍‌ର ଚାନ୍ଦା ଦ୍ୱାରା ତାହାର ପ୍ରଶସ୍ତିକରଣ ହୋଇଥିଲା । ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅ କହିଲେ ଯେ, ମୁଁ ତ ସେଠାରେ ମଧ ଛିଡ଼ା ହେବିନାହିଁ ବରଂ ମୁଁ ତ ପ୍ରକୃତ ମସ୍‌ଜିଦ୍‌ର ପ୍ରକୃତ ଭାଗରେ ଛିଡ଼ା ହୋଇଛି ଯେଉଁ ଭାଗଟି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କାଳରେ ନିର୍ମିତ ହୋଇଥିଲା କିମ୍ବା ତାଙ୍କର ପ୍ରାଥମିକ ପ୍ରଯ୍ୟାୟରେ ନିର୍ମିତ ହୋଇଥିଲା । ଏହାର ଚଉଡ଼ାକରଣ ହୋଇନଥିଲା । ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅ କହିଲେ ଯେ, ଏହା ମୋର ନିଷ୍ପତି ଯେ ଏ ସମ୍ପ୍ରଦାୟ ଜାତି ଏବଂ ଅଞ୍ଜୁମନ ଉଭୟଙ୍କର ଖଲିଫାଙ୍କ ପ୍ରତି ଆଜ୍ଞାବହତାଃ ପ୍ରଦର୍ଶନ କରିବା ଉଚିତ ଏବଂ ଏହି ଦୁହେଁ ଖଲିଫାଙ୍କ ସେବକ ଅଟନ୍ତି ଅର୍ଥାତ ଅଞ୍ଜୁମନ୍ ଓ ଖଲିଫାଙ୍କୁ ମାନୁଥିବା ଯମାତ୍ ମଧ, ସମସ୍ତେ ଖଲିଫାଙ୍କ ସେବକ ଅଟନ୍ତି । ଅଞ୍ଜୁମନ ପରାମର୍ଶଦାତା ଅଟେ, ଅବଶ୍ୟ ଅଞ୍ଜୁମନଠାରୁ ପରାମର୍ଶ ଲୋଡ଼ାଯାଇଥାଏ ଏବଂ ପରାମର୍ଶ ନେବା ଜରୁରୀ ମଧ ହୋଇଥାଏ । ସେହିପରି ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅ ଏହା ମଧ କହିଲେ ଯେ, ଯେଉଁ ବ୍ୟକ୍ତି ଏହା ଲେଖିଛି ଯେ, ଖଲିଫାଙ୍କ କର୍ତବ୍ୟ ଓ କାର୍ଯ୍ୟ ହେଉଛି ବୟତ ଓ କିନ୍ତୁ ପ୍ରକୃତ ଶାସକ ହେଉଛି ଅଞ୍ଜୁମନ । ସେ ସର୍ବପ୍ରଥମେ ଅଲ୍ଲାଃ ତାଲାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁ କାରଣ ଅଲ୍ଲାଃ ତାଲା ମତେ ସୁଚିତ କରିଛନ୍ତି ଯେ, ଯଦି ଏହି ଯମାତ୍ ମଧ୍ୟରୁ କୌଣସି ବ୍ୟକ୍ତି ବି ତତେ ଛାଡ଼ି ଅହେମଦିୟତରୁ ଓହରି ଯାଏ ତାହେଲେ ମୁଁ ତା' ପ୍ରତି ବଦଳରେ ତତେ ଆଉ ଏକ ଯମାତ୍ ପ୍ରଦାନ କରିବି । ପୁନଶ୍ଚ କହିଲେ ଯେ, ଲୋକମାନେ କୁହନ୍ତି ଯେ, ଖଲିଫାଙ୍କ କାର୍ଯ୍ୟ ହେଉଛି କେବଳ ନମାଜ ପଢ଼ାଇବା କିମ୍ବା ନିକାହ୍ ପଢ଼ାଇବା କିମ୍ବା ବୟତ ନେବା । ଏହି କାର୍ଯ୍ୟ ତ' ଜଣେ ମୁଲ୍ଲା ଅର୍ଥାତ ଧର୍ମପଣ୍ଡିତ ବା ବିଦ୍ୱାନ ମଧ କରିପାରିବ । ତେଣୁ ଏଥି ସକାଶେ ଖଲିଫାଙ୍କର କ'ଣ ବା ଆବଶ୍ୟକତା ତଥା ପ୍ରାସଙ୍ଗିକତା ରହିଛି ? ତେଣୁ ଖଲିଫାଙ୍କ କୌଣସି ପ୍ରାସଙ୍ଗିକତା ଏବଂ ଆବଶ୍ୟକତା ନାହିଁ । ସୁତରାଂ ମୁଁ ଏଭଳି ବୟତ ଉପରେ ଧିକ୍କାର କରେ ଏବଂ ଏଭଳି ବୟତ ଗ୍ରହଣ କରିବାକୁ ଉଚିତ ବୋଲି ମନେକରେନାହିଁ । ବୟତ କହିଲେ, ଏହାକୁ ବୁଝାଏ ଯେ, ଯେଉଁ ବୟତ ପ୍ରତି ପୂର୍ଣ୍ଣ ଆଜ୍ଞାପାଳନ ପ୍ରଦର୍ଶନ କରାଯିବ ଏବଂ ଯହିଁରେ ଖଲିଫାଙ୍କର କୌଣସି ଗୋଟିଏ ଆଦେଶର ମଧ ଅବଜ୍ଞା କରାଯାଉନଥିବ । ***(ତାରିଖେ ଅହେମଦୀୟତ୍ ଖଣ୍ଡ-୩, ପୃ-୨୬୨)***

ଅତଏବ ଉକ୍ତ ଉଦ୍‌ବୋଧନିଟି ଯେଉଁଠି କପଟବିଶ୍ୱାସିଙ୍କ ଯୋଜନାକୁ ପଣ୍ଡ, ଅକୃତକାର୍ଯ୍ୟ ଏବଂ ଅସଫଳ କରିଦେଇଛି ସେଠାରେ ବିରୋଧିମାନଙ୍କ ମୁହଁ ମଧ ବନ୍ଦ କରିଦେଇଛି । ସେମାନେ ଯେଉଁ ବ୍ୟକ୍ତିଙ୍କୁ ବୃଦ୍ଧ ଏବଂ ଦୃବଳ ବ୍ୟକ୍ତି ବୋଲି ଭାବୁଥିଲେ ଯେତେବେଳେ ସେହି ଦୃବଳ ଓ ବୃଦ୍ଧବ୍ୟକ୍ତି ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଏବଂ ସମର୍ଥନ ଲାଭ କରି ଏଭଳି କଥା କହିଲେ ଯେ ସମସ୍ତେ ଫେଣପରି ଜମି ଗଲେ । ଦମ୍ଭ ଓ ଅହଙ୍କାରପୂର୍ଣ୍ଣ କଥା କହୁଥିବା ଲୋକମାନେ ମଧ ନିଜର ମୁହଁ ଲୁଚାଇବାକୁ ଲାଗିଲେ । ନୈଷ୍ଠିକ ଯମାତ୍ ଏକ ନୂତନ ପ୍ରେରଣା ନେଇ ବୟତ କରିବାର ଶପଥ ନେଲେ ଏବଂ ଏହାପରେ ସଂସାର ଦେଖିଲା ଯେ ଯମାତ୍ କିଭଳି ଭାବରେ ଉନ୍ନତିର ପଥରେ ଅଗ୍ରସର ହୋଇଗଲା ।

ପୁନଶ୍ଚ ମାର୍ଚ୍ଚ ମାସ ୧୯୧୪

ମସିହାରେ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅଙ୍କର ବିୟୋଗ ହେଲା ସେତେବେଳେ ପୁନଶ୍ଚ ଆଉ ଏକ ଝଡ଼ ଏବଂ ଭୂମିକମ୍ପ ଭଳି ପରିସ୍ଥିତି ଦେଖା ଦେଇଥିଲା । ଅଞ୍ଜୁମନର ସ୍ତମ୍ଭ ଅର୍ଥାତ ବଡ଼ ବଡ଼ ଲୋକମାନେ ଅଞ୍ଜୁମନକୁ ହିଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ପ୍ରକୃତ ଉତରାଧିକାରୀ ରୂପେ ବିବେଚିତ କରିବାପାଇଁ ଆପଣ ଉଦ୍ୟମ ମଧ୍ୟ କରିଥିଲେ ଏବଂ ହଜ୍‌ରତ୍ ଖଲିଫତୁଲ୍ ମସିହ ଅୱ୍ୱଲ ର:ଅଙ୍କ ଯୋଗୁଁ ସେମାନେ ନୀରବ ରହିଥିଲେ କିନ୍ତୁ ତାଙ୍କ ମୃତ୍ୟୁପରେ ସେମାନେ ପୁନଶ୍ଚ ମୁଣ୍ଡ ଟେକିବାକୁ ଆରମ୍ଭ କଲେ ସେହିପରି ମୁନାଫିକ୍ ଅର୍ଥାତ କପଟବିଶ୍ୱାସୀମାନେ ମଧ୍ୟ ମୁଣ୍ଡ ଟେକିବାପାଇଁ ଉଦ୍ୟମ କରିବାକୁ ଲାଗିଲେ କିନ୍ତୁ ପୁନଶ୍ଚ ଅଲ୍ଲାଃ ତାଲାଙ୍କର ସାହାଯ୍ୟ ଓ ସମର୍ଥନର ହସ୍ତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ କରିଥିବା ପ୍ରତିଶୃତି ଅନୁଯାୟୀ ଖିଲାଫତ୍‌ର ସିଂହାସନ ଓ ଦାୟିତ୍ୱକୁ ସମ୍ଭାଳିବାର ମାଧ୍ୟମ ପାଲଟିଥିଲା । ଅଞ୍ଜୁମନର ସ୍ତମ୍ଭ ବିବେଚିତ ହୋଉଥିବା ବଡ଼ ବଡ଼ ଅଧିକାରୀମାନଙ୍କ ମନରେ ଏହି ଭୟ ରହିଥିଲା ଯେ, ଯମାତ୍ ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହ୍‌ମଦ୍ ହିଁ ପରବର୍ତୀ ଖଲିଫା ରୂପେ ନିର୍ବାଚିତ କରିନେବ ତେଣୁ ସେମାନେ ଆପ୍ରାଣ ଉଦ୍ୟମ କଲେ ଯେ, କେହି ଯେପରି ଖଲିଫା ନ ହୁଅନ୍ତୁ କୌଣସି ନା କୌଣସି ପ୍ରକାରରେ ଏକଥାଟି ଟଳିଯାଉ । ତାହା କିଛି ଅବଧି ପାଇଁ ହେଉ ପଛେ କିନ୍ତୁ ଟଳିଯାଉ । ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହ୍‌ମଦ ସ୍ୱଷ୍ଟ କହିଛନ୍ତି ଯେ, ସେ ଯାହା ହେଉ ପଛେ ଖଲିଫା ତ ହେବା ଦରକାର କିନ୍ତୁ ଏଥିସହିତ ମୁଁ ଏହା ମଧ୍ୟ ସ୍ୱଷ୍ଟ କରିଦେବାକୁ ଚାହୁଁଛି ଯେ, ମୁଁ ଖଲିଫା ହେବା ପାଇଁ କୌଣସି ଆଶାବାଦି ନୁହେଁ ଯେ, ମତେ ହିଁ ଖଲିଫା କରାଯାଉ । ତୁମେମାନେ ଯାହାକୁ ଚାହିଁବ ତାହାଙ୍କୁ ଖଲିଫା କରିନିଅ, ମୁଁ ଓ ମୋର ସମଗ୍ର ବଂଶ ସହୃଦୟତାର ସହିତ ସେହି ଖଲିଫାର ବୟତ କରିବାପାଇଁ ପ୍ରସ୍ତୁତ ଅଛୁ । କିନ୍ତୁ ସେହି ଲୋକମାନେ ଯେଉଁମାନେ ନିଜକୁ ସକଳ ବୁଦ୍ଧିମାନ ବୋଲି ଭାବୁଥିଲେ ଏବଂ ସେମାନଙ୍କ ମନରେ ଏହି ଭୟ ରହିଥିଲା ଯେ, ନିର୍ଣ୍ଣୟ ତ' ସେମାନଙ୍କ ପକ୍ଷରେ ହେବ ଯେଉଁମାନେ କେବଳ ସତାକୁ ପ୍ରୀୟ ବୋଲି ମନେ କରନ୍ତି । ସେମାନେ କିନ୍ତୁ ଏକଥା ସ୍ୱୀକାର କଲେନାହିଁ । ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅ (ଦ୍ୱିତୀୟ ଖଲିଫା) ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହ୍‌ମଦ ର:ଅ ଯେତେବେଳେ ଏହା କହିଲେ ଯେ, ମୁଁ ଯେକୌଣସି ବ୍ୟକ୍ତିଙ୍କର ବୟତ କରିବାପାଇଁ ପ୍ରସ୍ତୁତ ଅଛି, ତୁମେ ଯାହାଙ୍କୁ ଚୟନ କର । କିନ୍ତୁ ସେମାନେ ମାନିଲେ ନାହିଁ । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଓ୍ୱସିୟତ ଅନୁଯାୟୀ ବିଶ୍ୱାସକାରୀଙ୍କ ଯମାତ୍ ମସ୍‌ଜିଦ୍ ନୂର୍‌ରେ ଏକତ୍ରିତ ହେଲା ଏବଂ ଅନୁମାନିକ ଦୁଇ ହଜାର ଲୋକ ହେବେ । ସମସ୍ତେ ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମେହମୁଦ୍ ଅହ୍‌ମଦ ର:ଅଙ୍କୁ ନିଜର ଖଲିଫା ରୂପେ ନିର୍ବାଚିତ କରିନେଲେ ଏବଂ ଲୋକମାନେ ପରସ୍ପର ଉପରେ ଲମ୍ଫ ମାରି ଅର୍ଥାତ ଡ଼ିଆଁ ମାରି ବୟତ କରିବାପାଇଁ ଆଗକୁ ଅଗ୍ରସର ହେଉଥିଲେ । ଦେଖଣାହାରି ଉଲ୍ଲେଖ କରନ୍ତି ଯେ, ଏପରି ଲାଗୁଥିଲା ଯେ ଫରିସ୍ତାମାନେ ଅର୍ଥାତ ଈଶ୍ୱର ଦୂତମାନେ ଲୋକମାନଙ୍କୁ ଅଲ୍ଲାଃ ତାଲାଙ୍କ ଏହି ନିର୍ବାଚନର ବୟତ କରିବା ପାଇଁ ଟାଣି ଆଣୁଥିଲେ । ***(ସିଲ୍‌ସିଲା ଅହେମଦିୟା, ଖଣ୍ଡ-୧, ପୃ-୩୩୦-୩୩୧)***

ପରିଶେଷରେ ଏହି ସମସ୍ତ ଦୃଶ୍ୟକୁ ଦେଖି ଅଞ୍ଜୁମନର ବଡ଼ ବଡ଼ ସ୍ତମ୍ଭ ବୁଲାଉଥିବା କେତେକ ବିଶିଷ୍ଟ ବ୍ୟକ୍ତିମାନେ ଅଞ୍ଜୁମନ୍‌ର ରାଜକୋଷର ସମସ୍ତ ଅର୍ଥ ନେଇ କାଦିୟାନରୁ ପଳାୟନ କଲେ ଏବଂ ଅଦୃଶ୍ୟ ହୋଇଗଲେ । କିନ୍ତୁ ସଂସାର ଏହା ଦେଖିଲା ଯେ, ଅଲ୍ଲାଃ ତାଲା କିପରି ଖିଲାଫତେ ଅହେମଦିୟା ମାଧ୍ୟମରେ ଯମାତ୍‌କୁ ଦୃଢ଼ତା ପ୍ରଦାନ କଲା ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଖଲିଫତୁଲ୍ ମସିହ ସାନି ର:ଅଙ୍କ ୫୨ ବର୍ଷର ଖିଲାଫତ୍ ଯୁଗ ଏକଥାର ମୂକସାକ୍ଷୀ ଯେ ସେହି ଯୁବକ ଯାହା ଉପରେ ଅଲ୍ଲାଃ ତାଲା ଖିଲାଫତ୍‌ର ଦାୟିତ୍ୱ ନ୍ୟସ୍ତ କଲେ ସେ, କିଭଳି ତ୍ୱରିତ ଭାବରେ ଯମାତ୍‌କୁ ନେଇ ଉନ୍ନତିର ମାର୍ଗରେ ପାଦ ଚଳାଇ ଆଗକୁ ଅଗ୍ରସର ହୋଇଗଲେ । କିନ୍ତୁ ସେହି ଲୋକମାନେ ଯେଉଁମାନେ ଅଞ୍ଜୁମନ୍‌ର ରାଜକୋଷକୁ ଶୂନ୍ୟ କରିଦେଇଥିଲେ ଏବଂ ଏହି ଦାବି କରୁଥିଲେ ଯେ, କାଦିୟାନରେ ବର୍ତମାନ ଖ୍ରୀଷ୍ଟିଆନ୍ ମାନଙ୍କର ଶାସନ ଚାଲିବ । ଆଜି ସେହି ଲାହୋରୀମାନଙ୍କର ବଂଶଧରମାନେ ଏହା ଦେଖୁଛନ୍ତି ଯେ, ଖିଲାଫତେ ଅହେମଦିୟା ସହିତ ଅଲ୍ଲାଃ ତାଲାଙ୍କର ଯେଉଁ ସାହାଯ୍ୟ ଓ ସମର୍ଥନ ରହିଛି ତାହା ଖ୍ରୀଷ୍ଟିଆନ୍ ମାନଙ୍କୁ ମୁହମ୍ମଦଙ୍କର ମସିହଙ୍କର ଧ୍ୱଜା ତଳେ ଏକତ୍ରିତ ହେଉଥିବାର ଆମେ ଦେଖୁଅଛୁ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ପୃଥିବୀର ଅସଂଖ୍ୟ ଦେଶରେ ମିଶନ ଖୋଲିଲେ । ଆଫ୍ରିକାରେ ଖ୍ରୀଷ୍ଟଧର୍ମ ପ୍ରଚାରକମାନଙ୍କୁ ଅହେମଦି ମୁବଲିଗ୍‌ମାନଙ୍କ ଧର୍ମ ପ୍ରଚାରକମାନଙ୍କ ସମ୍ମୁଖରେ ଛିଡ଼ା ହେବାର ସାହାସ ହେଉନଥିଲା । ପରିଶେଷରେ ସେମାନଙ୍କୁ ସ୍ୱୀକାର କରିବାକୁ ପଡ଼ିଲା ଯେ, ଖ୍ରୀଷ୍ଟଧର୍ମର ପ୍ରଚାର ପ୍ରସାରରେ ଅମେହଦିୟତ ଏକ ବଡ଼ ପ୍ରତିବନ୍ଧକ ଅଟେ । ଉକ୍ତ କଥାର ଚର୍ଚ୍ଚା ସେମାନଙ୍କର ଏକ ରିପୋର୍ଟରେ ମଧ୍ୟ ଉଲ୍ଲେଖ ରହିଛି । ଅତଏବ ଆମେମାନେ ଏହା ଦେଖୁ ଯେ, କାଦିୟାନ ଉପରେ ଆକ୍ରମଣର ଯୋଜନା ହେଉ, ବା ତବ୍‌ଲିଗ୍ କ୍ଷେତ୍ର ହେଉ କିମ୍ବା ହିଜ୍‌ରତ୍‌ର ସମୟ ହେଉ ପ୍ରତ୍ୟେକ ଅବସରରେ ସେହି ଦୃଢ଼ ଓ ଅବିଚଳ ଖଲିଫା ଯମାତ୍‌ର ଧର୍ମତୀରକୁ ଅଲ୍ଲାଃ ତାଲାଙ୍କ ସମର୍ଥନ ବଳରେ ସଫଳତାର ଦ୍ୱାର ପର୍ଯ୍ୟନ୍ତ ପହଂଚାଇଲେ ଏବଂ ସୁରକ୍ଷିତ ମଧ୍ୟ ରଖିଲେ ।

ପରିଶେଷରେ ଅଲ୍ଲାଃ ତାଲାଙ୍କ ବିଧାନ ଅନୁଯାୟୀ ୧୯୬୫ ମସିହା ନଭେମ୍ବର ମାସରେ ଯେତେବେଳେ ଖଲିଫା ସାନିଙ୍କର ବିୟୋଗ ହେଲା ସେତେବେଳେ ଅଲ୍ଲାଃ ତାଲାଙ୍କ ପ୍ରତିଶୃତି ଅନୁଯାୟୀ ଅଲ୍ଲାଃ ତାଲା ଦ୍ୱିତୀୟ ଅଲୌକିକ ଶକ୍ତିର ତୃତୀୟ ଖଲିଫାଙ୍କୁ ଛିଡ଼ା କଲେ । ପୁନଶ୍ଚ ଅଲ୍ଲାଃ ତାଲା ଯମାତ୍‌ର ଭୟର ଅବସ୍ଥାକୁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରି ହଜ୍‌ରତ୍ ମିର୍ଜା ନାସିର ଅହେମଦ୍ ଖଲିଫତୁଲ୍ ମସିହ ସାଲିସ୍ ର:ଅ ତୃତୀୟ ଖଲିଫାଙ୍କର ହସ୍ତରେ ଏକତ୍ରିତ କରିଦେଲେ ଫଳତଃ ପୁଣି ଏ ଯମାତ୍ ଉନ୍ନତୀର ମାର୍ଗରେ ଅଗ୍ରସର ହେବାକୁ ଲାଗିଲା । ଆଫ୍ରିକାରେ ସ୍କୁଲ୍ ଏବଂ ଚିକିତ୍ସାଳୟ ଜାରି ହେବାର ଏକ ନୂତନ ଅଧ୍ୟାୟ ଓ ଯୁଗର ଆରମ୍ଭ ହେଲା । ଆଫ୍ରିକାରେ ଅହମିଦୟତର ପରିଚୟର ନୂତନ ଯୁଗର ଆୟମରାମ୍ଭ ହେଲା । ପୃଥିବୀରେ ଯମାତ୍‌ର ପରିଚୟ ବୃଦ୍ଧି ପାଇବାକୁ ଲାଗିଲା । ଖଲିଫା ସାଲିସ୍ ଆଫ୍ରିକାର କିଛି ଦେଶକୁ ଅହେମଦି ଖଲିଫା ଭାବରେ ପ୍ରଥମ ଗସ୍ତ କଲେ ଯାହାର ଅସାଧାରଣ ପ୍ରଭାବ ମଧ୍ୟ ଦେଖାଦେଲା । ଆଫ୍ରିକା ମହାଦେଶରେ କୌଣସି ମଧ୍ୟ ଖଲିଫାର ଏହା ଥିଲା ପ୍ରଥମ ଗସ୍ତ । ୧୯୭୪ ମସିହାରେ ପାକିସ୍ତାନ ସରକାର ଅହେମଦିମାନଙ୍କ ବିରୁଦ୍ଧରେ ଏକ ଅଭିଯାନ ଚଳାଇ ଅହେମଦିମାନଙ୍କୁ ଅଣମୁସଲମାନ ଘୋଷଣା କରି ଆଇନ ଅନୁମୋଦିତ କରିଦେଲା । ଅତଃ ଖିଲାଫତ୍‌ର ଢ଼ାଲ ପଛରେ ଏହି ଭୟଙ୍କର ଆକ୍ରମଣରୁ ମଧ୍ୟ ଯମାତ୍ ସଫଳତା ଲାଭ କରି ବାହାରି ଆସିଥିଲା ଏବଂ ଶତୃପକ୍ଷ ଯମାତ୍‌ର ଉନ୍ନତୀକୁ ରୋକିବା ପାଇଁ ଯେଉଁ ଉଦ୍ୟମ କରିଥିଲେ ସେଥିରେ ସେମାନେ ବିଫଳ ହୋଇଗଲେ । ଶତୃପକ୍ଷ ଯିଏ ଯମାତ୍‌ର ହସ୍ତରେ ଭିକ୍ଷା ପାତ୍ର ଧରାଇଦେବେ ବୋଲି ଦାବି କରୁଥିଲେ, ସେମାନଙ୍କର ଅଭିଳାଷା ମାଟିରେ ମିଶିଗଲା । ଅଲ୍ଲାଃ ତାଲା ଯମାତ୍‌କୁ ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ କରି ଯମାତ୍ ପାଇଁ ନବ ନବ ଆର୍ଥିକ ସ୍ୱଚ୍ଛଳତାର ମାର୍ଗ ଉନ୍ମୁକ୍ତ କରିଦେଲେ । ପୁନଶ୍ଚ ଭୟପ୍ରଦ ମାର୍ଗରୁ ବାହାରି ଆସିବାର ମାର୍ଗ ମଧ୍ୟ ଉନ୍ମୁକ୍ତ କରିଦେଲେ । ଅତଏବ ଯେଉଁମାନେ ଜର୍ମାନୀରେ ଏବେ ଆସି ଅଛନ୍ତି ଓ ଅନ୍ୟ କେତେକ ରାଷ୍ଟ୍ରରେ ଆସି ବସବାସ କରୁଛନ୍ତି, ସେମାନେ ୧୯୭୪ ମସିହାର ଉପଦ୍ରବ ପରେ ବିଦେଶକୁ ଚାଲି ଆସିଛନ୍ତି ସେମାନଙ୍କୁ ଆର୍ଥିକ ସ୍ୱଚ୍ଛଳତା ପ୍ରାପ୍ତ ହୋଇଅଛି । ସେମାନଙ୍କୁ ଏହି କଥାଗୁଡ଼ିକ ନିଜ ବଂଶଧର ଓ ସନ୍ତାନମାନଙ୍କୁ ମଧ୍ୟ କହିବା ଉଚିତ କାରଣ କେଉଁଭଳି ଶତୃପକ୍ଷ ଏହି ଅପଚେଷ୍ଟା କରିଥିଲା ଏବଂ କିପରି ଖିଲାଫତ୍‌ର ଛତ୍ରଛାୟା ତଳେ ଅଲ୍ଲାଃ ତାଲା ସେମାନଙ୍କ ପାଇଁ ନୂତନ ମାର୍ଗ ଉନ୍ମୁକ୍ତ କରିଦେଲେ ଏବଂ ପୂର୍ବାପେକ୍ଷା ହଜାରରୁ ଉର୍ଦ୍ଧ୍ୱଗୁଣା ଅଧିକ ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ କରିଦେଲା ।

ପୁନଶ୍ଚ ୧୯୮୨ ମସିହା ଜୁନ୍ ମାସରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ) ଖଲିଫା ଆମଠାରୁ ବିଦାୟ ନେଲେ । ସେତେବେଳେ ଅଲ୍ଲାଃ ତାଲା ନିଜର ପୂର୍ବ ପ୍ରତିଶୃତି ଅନୁଯାୟୀ ହଜ୍‌ରତ୍ ମିର୍ଜା ତାହେର ଅମେହଦ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ)ଙ୍କ ମାଧ୍ୟମରେ ଜମାତ୍‌ର ଏହି ଭୟପ୍ରଦ ଅବସ୍ଥାକୁ କ୍ରମଶଃ ଶାନ୍ତିପ୍ରଦ ଅବସ୍ଥାରେ ରୂପାନ୍ତରିତ କରିଦେଲେ । ସେତେବେଳେ ଶତ୍ରୁ ଜମାତ୍‌ର ଉନ୍ନତିକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲା । ସେ ନୂତନ ରୂପେ ଆକ୍ରମଣ କରିବା ପାଇଁ ଯୋଜନା ପ୍ରସ୍ତୁତ କଲା ଏବଂ ଉଦ୍ୟମ କଲା ଯେ, ଖିଲାଫତେ ଅହେମଦିୟାର ଭିତିକୁ ନିଷ୍କ୍ରୀୟ କରି ଦିଆଯାଉ । ଏଠାରେ ଶତ୍ରୁ ମନେ ମନେ ମୁଣ୍ଡ କାଟ କରିବାପାଇଁ ଚେଷ୍ଟା ମଧ୍ୟ କଲା କିନ୍ତୁ ସେହି ମୂର୍ଖ ଏବଂ ପାଷାଣ୍ଡମାନଙ୍କୁ କ'ଣ ଜଣା ଯେ, ଅଲ୍ଲାଃ ତାଲାଙ୍କ କ'ଣ ଯୋଜନା ରହିଛି । ଅସାଧାରଣ ସମର୍ଥନର ସହିତ ଅଲ୍ଲାଃ ତାଲା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କୁ ପାକିସ୍ତାନରୁ ହିଜ୍‌ରତ୍ ଅର୍ଥାତ ପ୍ରବାସ କରାଇଥିଲେ ଏବଂ ଶତ୍ରୁପକ୍ଷ କେବଳ ଚାହିଁ ହିଁ ରହିଗଲା । ପୁନଶ୍ଚ ପ୍ରବାସ ପରେ ଖିଲାଫତେ ରାବିଆର ଏକ ନୂତନ ଯୁଗ ଆରମ୍ଭ ହେଲା ଏବଂ ସାଟେଲାଇଟ୍ ଅର୍ଥାତ ଉପଗ୍ରହ ମାଧ୍ୟମରେ ଉପସ୍ଥିତ ଖଲିଫା ଓ ଅହେମଦିୟତ୍ ଏବଂ ପ୍ରକୃତ ଇସ୍‌ଲାମ୍‌ର ବାର୍ତା ଅହେମଦିଙ୍କ ଘରେ ଘରେ ପହଂଚିବା ସହିତ ଅଣଅହେମଦିଙ୍କ ଘରେ ଏବଂ ପ୍ରତ୍ୟେକ ଦେଶରେ ପହଂଚିବା ଆରମ୍ଭ ହେଲା ଏବଂ ତବ୍‌ଲିଗ୍‌ର ଅର୍ଥାତ ପ୍ରଚାରର ନୂଆ ନୂଆ ବାଟ ମଧ୍ୟ ଫିଟିଗଲା । ଅନେକ ଦେଶରେ ଅହେମଦିୟତର ବୃକ୍ଷ ଲାଗିଲା ଏବଂ ପ୍ରକୃତ ଇସ୍‌ଲାମ୍‌ର ଶିକ୍ଷା ପ୍ରସାରିତ ହେବାକୁ ଲାଗିଲା । ପବିତ୍ର କୁର୍‌ଆନ୍ କରିମ୍‌ର ପ୍ରକାଶନ ପୂର୍ବାପେକ୍ଷା ଅଧିକ ବୃଦ୍ଧି ପାଇଲା ଏବଂ ଏହାର ଅନୁବାଦ ନୂତନ ଭାଷାରେ ମଧ୍ୟ ଆରମ୍ଭ ହେଲା ।

ପୁନଶ୍ଚ ଐଶ୍ୱରିକ ବିଧାନ ଅନୁଯାୟୀ ୨୦୦୩ ମସିହା ଏପ୍ରିଲ୍ ମାସରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କର ବିୟୋଗ ହେଲା । ସେତେବେଳେ ଏହା ଯମାତ୍ ପାଇଁ ଏକ ଶକ୍ତ ଆଘାତ ଥିଲା ଏବଂ ଶତ୍ରୁର ବିଚାରରେ ଏହା ସେମାନଙ୍କ ପାଇଁ ଅମେହଦିୟତକୁ ସମାପ୍ତ କରିବାର ଏକ ସୁବର୍ଣ୍ଣ ସୁଯୋଗ ଥିଲା । କିନ୍ତୁ ଅଲ୍ଲାଃ ତାଲା ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରତିଶୃତି ଦେଇଥିଲେ, ସେ ପୂର୍ନବାର ଯମାତ୍‌କୁ ସମ୍ଭାଳି ଥିଲେ ଓ ଏପରି ସମ୍ଭାଳିଲେ ଯେ ବିରୋଧି ମୌଲବୀମାନେ ମଧ୍ୟ କହିବାକୁ ଲାଗିଲେ ଯେ, ଆମେମାନେ ତୁମକୁ ସତ୍ୟବାଦୀ ବୋଲି ସ୍ୱୀକାର କରୁନାହୁଁ କିନ୍ତୁ ଏହା ସତ୍ୱେ ମଧ୍ୟ ଅଲ୍ଲାଃ ତାଲାଙ୍କର କ୍ରୀୟାର ପ୍ରମାଣ ତୁମ ସହିତ ରହିଛି । କିନ୍ତୁ ଏକଥା ସ୍ୱୀକାର କରୁଛନ୍ତି ଯେ ଅଲ୍ଲାଃଙ୍କ ସାହାଯ୍ୟ ଓ ସହଯୋଗ ଆମ ସହିତ ରହିଛି, ଏହା ସତ୍ୱେ ମଧ୍ୟ ପୁଣି ବି ମାନିବାକୁ ପ୍ରସ୍ତୁତ ନାହାନ୍ତି । ବିଶ୍ୱାସକାରୀଙ୍କ ଦୁଆକୁ ଅଲ୍ଲାଃ ତାଲା ଶୁଣିଲେ ଏବଂ ଭୟପ୍ରଦର ଅବସ୍ଥାକୁ ଶାନ୍ତିପ୍ରଦ ଅବସ୍ଥାକୁ ପରିବର୍ତନ କରିଦେଲେ ଏବଂ ଇସ୍‌ଲାମ୍‌ର ଇତିହାସରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମାଧ୍ୟମରେ ଖିଲାଫତେ ଖାମିସା (ପଂଚମ ଖିଲାଫତ୍) ଯୁଗ ଆରମ୍ଭ ହେଲା ।

ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ ଯଦି ଖିଲାଫତ୍ ରାଶିଦା ଚାରୋଟି ଖଲିଫା ମଧ୍ୟରେ

ସୀମିତ ଥିଲା ତେବେ ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣି ଅନୁଯାୟୀ ହିଁ ଥିଲା । କିନ୍ତୁ ବର୍ତମାନ ଯେଉଁ ଖିଲାଫତେ ଖାମିସାର ଯୁଗ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ଅଭ୍ୟାହତ ବା ଜାରି ରହିଛି ତାହା ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ଅନୁଯାୟୀ ଅଟେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅବତୀର୍ଣ୍ଣ ହେବାପରେ ଯେଉଁଭଳି ଭାବରେ ଇସ୍‌ଲାମ୍‌ର ଇତିହାସରେ ଅନେକ ପ୍ରକାରର ନୂତନ ଅଧ୍ୟାୟ ଉନ୍ମୋଚିତ ହୋଇଛି । ଖିଲାଫତେ ଖାମିସା ତାହାରି ଏକ ଅଂଶ ବିଶେଷ । ଶତୃ ଭାବୁଥିଲା ଯେ, ବର୍ତମାନ ଯମାତ୍‌ର ନେତୃତ୍ୱ କୌଣସି ସୁଦୃଢ଼ ହାତରେ ନାହିଁ କିନ୍ତୁ ସେମାନଙ୍କୁ କ'ଣ ଜଣା ଯେ, ପ୍ରକୃତ ହାତ ତ' ଅଲ୍ଲାଃ ତାଲାଙ୍କର ହାତ ଅଟେ । ଯାହାଙ୍କ ସମର୍ଥନ ଯେଉଁ ବ୍ୟକ୍ତି ସହିତ ରହିଥାଏ ସେହି ବ୍ୟକ୍ତିକୁ ଅଲ୍ଲାଃ ତାଲା ବଳଶାଳୀ କରିଦିଅନ୍ତି । ଆଜି ଶତ୍ରୁ ପୁର୍ବାପେକ୍ଷା ଈର୍ଷାଳୁ ଚକ୍ଷୁରେ ସହିତ ଯମାତ୍‌ର ଉନ୍ନତୀକୁ ଦେଖୁଅଛି । ଯମାତ୍‌ର ଯେଉଁ ପରିଚୟ ଓ ପୃଥିବୀରେ ଏହାର ପରିପ୍ରକାଶ ଅସାଧାରଣ ରୂପେ ଏହି ଯୁଗରେ ହୋଇଛି । ପ୍ରତ୍ୟେକ ଶ୍ରେଣୀରେ ଏବଂ ପ୍ରତ୍ୟେକ ସ୍ତରରେ ଏହା ଅସାଧାରଣ ଅଟେ । ମୁଁ ମାତ୍ର ଜଣେ ଦୁର୍ବଳ ବ୍ୟକ୍ତି ମୋର କୌଣସି ବିଶେଷ ଗୁଣ ଯୋଗୁଁ ଯମାତ୍‌ର ଏହି ଉନ୍ନତି ସାଧିତ ହେଉନାହିଁ । ପୃଥିବୀର ରାଷ୍ଟ୍ରମାନଙ୍କର ରାଷ୍ଟ୍ରପତି ଏବଂ ସାଂସଦଗୁଡ଼ିକରେ ଯମାତ୍ ଅହେମଦିୟାର ପରିଚୟ ହେଉଅଛି । ଏହା କେବଳ ହିଁ କେବଳ ଅଲ୍ଲାଃ ତାଲାଙ୍କ କୃପା ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ହୋଇଥିବା ପ୍ରତିଶୃତି ଯୋଗୁଁ ହିଁ ସମ୍ଭବ ହୋଇପାରିଛି । ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ଅନୁଯାୟୀ ଏହା ହେଉଅଛି । ପ୍ରତ୍ୟେକ ଦିନ ଅଲ୍ଲାଃ ତାଲାଙ୍କ କୃପାର ଏପରି ଦୃଶ୍ୟ ଆମେମାନେ ଦେଖୁଅଛେ । ପବିତ୍ର କୁର୍‌ଆନ୍‌ର ପ୍ରକାଶନ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକର ବିଭିନ୍ନ ଭାଷାରେ ଅନୁବାଦର କାର୍ଯ୍ୟ ବୃଦ୍ଧି ପାଇଛି । ଏମ୍‌ଟିଏ ମାଧ୍ୟମରେ ପୃଥିବୀର ସମସ୍ତ ଦେଶରେ ଇସ୍‌ଲାମ୍‌ର ପ୍ରକୃତ ବାର୍ତା ପହଂଚୁଅଛି । ପୂର୍ବେ ଗୋଟିଏ ଭାଷା ଅର୍ଥାତ ଉର୍ଦ୍ଦୁ ଭାଷା ଥିଲା ଏବଂ ଗୋଟିଏ ଚ୍ୟାନେଲ ଥିଲା । କିନ୍ତୁ ବର୍ତମାନ ଅଲ୍ଲାଃ ତାଲାଙ୍କ କୃପାରୁ ପୃଥିବୀରେ ଏମ୍‌ଟିଏର ମୋଟ ଆଠଟି ଭିନ୍ନ ଭିନ୍ନ ଚ୍ୟାନେଲ୍ କାମ କରୁଅଛି । ପୃଥିବୀର ବିଭିନ୍ନ ଦେଶରେ ଏମ୍‌ଟିଏ ଷ୍ଟୁଡ଼ିଓ ତିଆରି ହୋଇଯାଇଅଛି । ଏହି ଷ୍ଟୁଡ଼ିଓଗୁଡ଼ିକରୁ ଏମ୍‌ଟିଏର କାର୍ଯ୍ୟକ୍ରମ ନିରପେକ୍ଷ ଭାବରେ ଜାରି ରହିଛି । ବର୍ତମାନ କେବଳ ଗୋଟିଏ ଦୁଇଟି ସ୍ଥାନରେ ଯମାତ୍‌ର ଷ୍ଟୁଡ଼ିଓ ନାହିଁ ବରଂ ପ୍ରତ୍ୟେକ ସ୍ଥାନରେ ଗୋଟିଏ ଗୋଟିଏ ଷ୍ଟୁଡ଼ିଓ ତିଆରି ହୋଇଛି । ପ୍ରତ୍ୟେକ ସ୍ଥାନରେ ତ' ନୁହେଁ କିନ୍ତୁ ଆଫ୍ରିକାର ଅନେକ ଦୁରବର୍ତୀ ସ୍ଥାନରେ ଏବଂ ଉତର ଆମେରିକାରେ ମଧ୍ୟ ଓ ୟୁରୋପରେ ମଧ୍ୟ ଷ୍ଟୁଡ଼ିଓ ତିଆରି ହୋଇଛି । ଯଦି ଆମେମାନେ ନିଜର ସମ୍ବଳକୁ ଦେଖୁ ତାହେଲେ ଏହା ଆମ ପକ୍ଷେ ସମ୍ଭବ ନୁହେଁ । ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଇସ୍‌ଲାମ୍‌ର ପ୍ରକୃତ ବାର୍ତା ପହଂଚୁଅଛି । ପାକିସ୍ତାନ ସରକାର ଆମର ଏହି ଚ୍ୟାନେଲ ଓ ଅନ୍ୟାନ୍ୟ ପ୍ରକାଶନ ସଂସ୍ଥାଗୁଡ଼ିକ ଉପରେ ବିଭିନ୍ନ ଉପାୟରେ ଆଳ କରି କଟକଣା ଲାଗୁ କରିଛି । ଅନ୍ୟପଟରେ ପୃଥିବୀର ଅନ୍ୟ ଦେଶମାନଙ୍କରେ ପୂର୍ବାପେକ୍ଷା ଅଧିକ ଅଲ୍ଲାଃ ତାଲା ଆମମାନଙ୍କ ପାଇଁ ବାଟ ଫିଟାଇ ଦେଇଛନ୍ତି । ପୁନଶ୍ଚ ଖିଲାଫତ୍ ସହିତ ନିଜର ସମ୍ପର୍କ ସ୍ଥାପନ କରିବାପାଇଁ ଅଲ୍ଲାଃ ତାଲା ଏକ ନୂତନ ମାର୍ଗ ମଧ୍ୟ ବତାଇ ଦେଇଛନ୍ତି ଯାହା ଏହି କୋଭିଡ୍ ରୋଗ କାରଣରୁ ଦେଖିବାକୁ ମିଳିଛି । ଅନ୍‌ଲାଇନ୍ ସାକ୍ଷାତ ହେଉ କିମ୍ବା ଭର୍ଚୁଆଲ (ଆଭାସୀ ବୈଠକ) ସାକ୍ଷାତ୍ ଏହି ମାଧ୍ୟମରେ ମିଟିଙ୍ଗ ମଧ୍ୟ ଆୟୋଜିତ ହେଉଛି । ଦେଖାସାକ୍ଷାତ ମଧ୍ୟ ହେଉଛି ଯଦ୍ୱାରା ସିଧାସଳଖ ଯମାତ୍ ସହିତ ଯୋଗାଯୋଗ ସ୍ଥାପନ ହେଉଅଛି । ଉପସ୍ଥିତ ଖଲିଫାଙ୍କ ସହିତ ମଧ୍ୟ ଲୋକମାନେ ସିଧାସଳଖ ମାର୍ଗଦର୍ଶନ ପ୍ରାପ୍ତ କରୁଛନ୍ତି । ମୁଁ ଏହି ଲଣ୍ଡନରୁ କେବେ ଆଫ୍ରିକାର କୌଣସି ଦେଶ ସହିତ ତ ଆଉ କେତେବେଳେ ଇଣ୍ଡୋନେସିଆ ସହିତ ତ' ଆଉ କେତେବେଳେ ଅଷ୍ଟ୍ରେଲିଆ ସହିତ । ପୁନଶ୍ଚ ଆଉ କେତେବେଳେ ଆମେରିକା ସହିତ ମଧ୍ୟ ସାକ୍ଷାତ କରିନିଏ । ତେବେ ସେ ଯାହା ହେଉ ନା କାହିଁକି ଏହି ସମସ୍ତ ମାଧ୍ୟମ ହେଉଛି ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସମର୍ଥନର ଦୃଶ୍ୟ । ଅତଏବ ଆମମାନଙ୍କୁ କେବେ ଭୁଲିବା ଉଚିତ ନୁହେଁ ଯେ, ଅଲ୍ଲାଃ ତାଲା ଯିଏ ନିଜର କୃପାର ଦୃଶ୍ୟ ଦେଖାଇଲା ଏବଂ ଖିଲାଫତ୍‌ର ପୁରସ୍କାରରୁ ଆମମାନଙ୍କୁ ପୁରସ୍କୃତ କରିଛନ୍ତି । ଅତଏବ ଆମମାନଙ୍କର ଏହି କର୍ତବ୍ୟ ରହିଛି ଯେ, ଆମେମାନେ ସର୍ବଦା ଏହାର ଅଧିକାରକୁ ଦାୟିତ୍ୱର ସହିତ ନିର୍ବାହ କରିବା ଉଚିତ । କାରଣ ପ୍ରଳୟ ଦିବସ ପର୍ଯ୍ୟନ୍ତ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ଅନୁଯାୟୀ ଆମେମାନେ ଏହି ନେମତ୍ ଅର୍ଥାତ ପୁରସ୍କାରରୁ ଉପକୃତ ହେଉଥିବା ବା ଲାଭବାନ ହେଉଥିବା । ଅଲ୍ଲାଃ ତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଉନ୍ନତି କରିବାର ପ୍ରତିଶୃତି କରିଛନ୍ତ । ଅଲ୍ଲାଃ ତାଲା ନିଜର ପ୍ରତିଶୃତି ଭଙ୍ଗ କରନ୍ତି ନାହିଁ । କିନ୍ତୁ ଆମେମାନେ ତହିଁରୁ ଲାଭବାନ ବା ଉପକୃତ ହେବା ନିମନ୍ତେ ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ ଓ ତା' ଆଗରେ ନତମସ୍ତକ ହେବା ଉଚିତ । ଖିଲାଫତ୍‌ର ପୁରସ୍କାରର ପରିପ୍ରକାଶ ଆମମାନଙ୍କ ପ୍ରତ୍ୟେକ କଥାବାର୍ତା ଏବଂ କାର୍ଯ୍ୟମାଧ୍ୟମରେ ପରିପ୍ରକାଶ ହେବାର ଆବଶ୍ୟକତା ରହିଛି । ଖିଲାଫତ୍‌ର ପୂର୍ଣ୍ଣ ଆଜ୍ଞାପାଳନର ଶପଥ ଓ ପ୍ରତିଜ୍ଞା ଶେଷ ନିସ୍ୱାଶ ପର୍ଯ୍ୟନ୍ତ କରିବାପାଇଁ ଏବଂ ପ୍ରତ୍ୟେକ ବଳିଦାନ ପାଇଁ ପ୍ରସ୍ତୁତ ରହିବା ଉଚିତ ତେବେ ଆମେ କୟାମତ ପର୍ଯ୍ୟନ୍ତ ନିଜର ସନ୍ତାନମାନଙ୍କୁ ଖିଲାଫତ୍‌ର ଆଜ୍ଞାବହ କରିବାର ହକ୍‌କୁ ପ୍ରଦାନ କରିପାରିବା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମମାନଙ୍କ ମଧ୍ୟରୁ ସେମାନଙ୍କୁ ଅଲ୍ଲାଃ ତାଲାଙ୍କ କୃପାର ପାତ୍ର ଏବଂ ଅଧିକାରି କରିବାର ନିଶ୍ଚିତ କରାଇଛନ୍ତି ଯେ ସେମାନେ ବିଶ୍ୱାସରେ ସ୍ଥିର ରହି ପ୍ରତ୍ୟେକ ବଳିଦାନ ପାଇଁ ପ୍ରସ୍ତୁତ ରହିବେ । ଅତଏବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି କି "ଏହା ଭାବନାହିଁ ଯେ, ଅଲ୍ଲାଃ ତାଲା ତୁମକୁ ଅପଚୟ ଏବଂ ଅବକ୍ଷୟ କରିଦେବ ନା' ବରଂ ତୁମେ ଅଲ୍ଲାଃ ତାଲାଙ୍କ ହସ୍ତର ସୃଷ୍ଟି ହୋଇଥିବା ଏକ ମଞ୍ଜି ଅଟ । ଯେଉଁ ମଞ୍ଜିକୁ ଅଲ୍ଲାଃ ତାଲା ଭୂମିରେ ବପନ କଲା ବା ବୁଣିଲା । ଏହି ମଞ୍ଜି ଅଙ୍କୁରିତ ହେବ ଏବଂ ବଢ଼ିବ ଏବଂ ପ୍ରତ୍ୟେକ ପାର୍ଶ୍ୱକୁ ଏହାର ଶାଖାପ୍ରଶାଖା ବାହାରିବ ଏବଂ କଅଁଳିବ ଫଳତଃ ଏହା ଏକ ବଡ଼ ବୃକ୍ଷ ବା ଗଛରେ ପରିଣତ ହେବ । ଅତଏବ ପବିତ୍ର ହେଉଛି ସେହି ବ୍ୟକ୍ତି ଯିଏ ଅଲ୍ଲାଃ ତାଲାଙ୍କ କଥା ଉପରେ ବିଶ୍ୱାସ ରଖେ ଏବଂ ଆଗକୁ ଆସୁଥିବା ବିପତିକୁ ଭୟ କରେନାହିଁ ବିପତି ଆସିବା ମଧ୍ୟ ଅନିବାର୍ଯ୍ୟ କାରଣ ଏହା ଦ୍ୱାରା ଈଶ୍ୱର ତୁମର ପରୀକ୍ଷା କରିଥାଏ ଯେ କିଏ ନିଜ ବୟତରେ ସତ୍ୟବାଦୀ ଓ କିଏ ନିଜ ବୟତରେ ମିଥ୍ୟାବାଦୀ । ଯିଏ କୌଣସି ବିପତି ଦ୍ୱରା ଧୋକା ଖାଇବ ସେ ଅଲ୍ଲାଃ ତାଲାଙ୍କର ସାମାନ୍ୟ ଅନିଷ୍ଟ ଏବଂ କ୍ଷତି ମଧ୍ୟ କରିପାରିବ ନାହିଁ । ହତଭାଗ୍ୟତା ଏବଂ ଦୁର୍ଭାଗ୍ୟତା ହିଁ ତାକୁ ନର୍କ ପର୍ଯ୍ୟନ୍ତ ପହଂଚାଇ ଦେବ । ଯଦି ସେ ଜନ୍ମଗ୍ରହଣ କରିନଥାନ୍ତା ତାହେଲେ ତାହା ପାଇଁ ଏହା ଭଲ ହୋଇଥାନ୍ତା । କିନ୍ତୁ ସେହି ସମସ୍ତ ବ୍ୟକ୍ତିମାନେ ଯେଉଁମାନେ ଶେଷ ସମୟ ପର୍ଯ୍ୟନ୍ତ ଧୈର୍ଯ୍ୟ ରଖିବେ ସେମାନଙ୍କ ଉପରେ ବିପଦର ଭୂମିକମ୍ପ ଆସିବ ଏବଂ ଅଘଟଣର ଝଡ଼ ମଧ୍ୟ ପ୍ରଭାହିତ ହେବ, ଲୋକେ ଥଟ୍ଟା ପରିହାସ ମଧ୍ୟ କରିବେ ଏବଂ ସଂସାର ସେମାନଙ୍କ ପ୍ରତି ଅତ୍ୟନ୍ତ କଠୋରତା ଏବଂ କ୍ରୁରତା ପ୍ରଦର୍ଶନ କରିବ । ପରିଶେଷରେ ସେମାନେ ହିଁ ସଫଳ ହେବେ ଏବଂ କଲ୍ୟାଣର ବାଟ ସେମାନଙ୍କ ପାଇଁ ଖୋଲାଯିବ । ଅଲ୍ଲାଃ ତାଲା ମତେ ସମ୍ବୋଧିତ କରି କହିଲେ ଯେ, ମୁଁ ନିଜ ଯମାତ୍‌କୁ ସୁଚନା ଦେଇଦିଏ କି, ଯେଉଁମାନେ ବିଶ୍ୱାସ ଆଣିଲେ ଏବଂ ଏପରି ବିଶ୍ୱାସ ଯାହା ସହିତ ସାଂସାରିକ କଳୁଶତା ତଥା ଅପମିଶ୍ରଣତା ନାହିଁ ଏବଂ ସେହି ବିଶ୍ୱାସ ଯାହା କପଟତା ଓ କାପୁରୁଷତା ଦ୍ୱାରା ପରିପୂର୍ଣ୍ଣ ନୁହେଁ ଏବଂ ସେହି ବିଶ୍ୱାସ ଯାହା ଆଜ୍ଞାବହତାର କୌଣସି ସ୍ତରରୁ ମଧ୍ୟ ବଂଚିତ ନାହିଁ । ଏପରି ବ୍ୟକ୍ତିମାନେ ଅଲ୍ଲାଃ ତାଲାଙ୍କ ଦୃଷ୍ଟିରେ ପ୍ରୀୟ ଅଟନ୍ତି ଏବଂ ଅଲ୍ଲାଃ ତାଲା କୁହନ୍ତି ଯେ, ସେମାନେ ହିଁ ସତ୍ୟବାଦୀ ଅଟନ୍ତି ଯେଉଁମାନଙ୍କ ପାଦ ସତ୍ୟ ଆଡ଼କୁ ଆଗ୍ରସର ହୋଇଥାଏ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ କହିଛନ୍ତି ଯେ, ଅଲ୍ଲାଃ ତାଲାଙ୍କ ବାଣୀ ମତେ ବତାଇଛି କହିଲେ ଯେ, ଅନେକ ଘଟଣା ତଥା ବିପତି ଭୁପୃଷ୍ଠରେ ଆବିର୍ଭାବ ହେବ ତନ୍ମଧ୍ୟରୁ ମୋ ଜୀବନରେ କେତେକ ବିପତିର ପାଦୁର୍ଭାବ ଘଟିବ ଏବଂ ଆଉ କେତେକ ବିପତି ମୋ ପରେ ଆବିର୍ଭୁତ ହେବ ଏବଂ ସେ ଏହି ସିଲ୍‌ସିଲାକୁ ଅର୍ଥାତ ଯମାତ୍‌କୁ ପୂର୍ଣ୍ଣ ଉନ୍ନତୀ ପ୍ରଦାନ କରିବେ । କେତେକ ଉନ୍ନତି ମୋ ହସ୍ତ ଦ୍ୱାର ହେବ ତ' ଆଉ କେତେକ ଉନ୍ନତୀ ମୋ ଅନ୍ତେ ହେବ" । ***(ଅଲ୍‌ୱସିୟତ୍, ରୁହାନୀ ଖଜାଇନ୍ ଖଣ୍ଡ-୨୦, ପୃ-୩୦୩-୩୦୪)***

ଅତଏବ ଇନ୍‌ଶାଅଲ୍ଲାଃ ଏହି ସମସ୍ତ ଉନ୍ନତି ନିଶ୍ଚିତ ହେବ । ଅଲ୍ଲାଃ ତାଲା ଆମମାନଙ୍କୁ ସର୍ବଦା ଅବିଚଳ ରଖନ୍ତୁ, ଅଲ୍ଲାଃ ତାଲା କରନ୍ତୁ କି ଏହି ସମ୍ପ୍ରଦାୟର ପୂର୍ଣ୍ଣ ଉନ୍ନତି ତଥା ବିକାଶର ଦୃଶ୍ୟ ଆମେମାନେ ସ୍ୱଚକ୍ଷୁରେ ଦେଖୁ । ଆମିନ । ଅଲ୍ଲାଃ ତାଲା ଆମମାନଙ୍କୁ ନିଜର ଶପଥ ଓ ପ୍ରତିଜ୍ଞା ପୁରଣକାରୀରେ ପରିଣତ କରନ୍ତୁ । କାରଣ ଅଲ୍ଲାଃ ତାଲାଙ୍କ ପ୍ରତିଶୃତିକୁ ଆମେମାନେ ନିଜ ଜୀବନରେ ସ୍ୱଚକ୍ଷୁରେ ଦେଖିପାରିବା ଆମମାନଙ୍କ ଉପାସନା, ନମାଜ ଓ କର୍ମ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାକୁ ପ୍ରାପ୍ତ କରୁ । ଆମିନ୍ । ଆମେମାନେ ଖିଲାଫତକୁ ସଠିକ୍ ରୂପେ ହୃଦୟଙ୍ଗମ କରିପାରିବା ଓ ନିଜ ସନ୍ତାନମାନଙ୍କୁ ତଥା ନିଜ ଆଗାମି ବଂଶଧରମାନଙ୍କୁ ଏ ବିଷୟରେ ବତାଇବା ଫଳତଃ ସେମାନେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଏହି ନେମତ୍ (ପୁରସ୍କାର)ରୁ ଉପକୃତ ହୋଇଚାଲୁଥିବେ ।

ଆଜି ମୁଁ ପୂର୍ନବାର ଆପଣମାନଙ୍କୁ ଦୁଆ କରିବାପ୍ରତି ଆହ୍ୱାନ ଜଣାଉଛି । ଆପଣମାନେ ପାକିସ୍ତାନର ଅହେମଦି ଭାଇଭଉଣୀମାନଙ୍କ ପାଇଁ ନିଜ ଦୁଆ ରେ ମନେ ରଖନ୍ତୁ । ନିରୀହ ଅହେମଦିମାନଙ୍କୁ, ସେମାନେ ଯେଉଁଠି ବି ବସବାସ କରୁ ଥାଆନ୍ତୁ ନା କାହିଁକି ସେମାନଙ୍କୁ ନିଜ ଦୁଆରେ ମନେ ରଖନ୍ତୁ । ନିରୀହ ତଥା ନିଷ୍ପେସିତ ମୁସଲମାନମାନେ ଯେଉଁଠି ବି ବାସ କରନ୍ତୁ ନା କାହିଁକି ଯଥା: ପାଲେଷ୍ଟାଇନ୍ କିମ୍ବା ଅନ୍ୟ ଯେ କୌଣସି ଦେଶରେ ବାସ କରନ୍ତୁ ନା କାହିଁକି ସେମାନଙ୍କୁ ମଧ୍ୟ ନିଜ ଦୁଆରେ ମନେ ରଖନ୍ତୁ । ଅଲ୍ଲାଃ ତାଲା ସମସ୍ତଙ୍କର ଦୁଃଖ କଷ୍ଟକୁ ଦୁର କରନ୍ତୁ ଏବଂ ସେମାନଙ୍କ ପାଇଁ ସହଜତା ଉତ୍ପନ୍ନ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଯେଉଁ ଅହେମଦିମାନେ ପ୍ରକୃତ ରୂପେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷା ଉପରେ ଅନୁସରଣ କରନ୍ତି ଏବଂ ପ୍ରକୃତ ଅହେମଦି ଅଟନ୍ତି ଓ ସେହିପରି ସେହି ମୁସଲମାନମାନେ ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ବର୍ତମାନ ସୁଦ୍ଧା ଚିହ୍ନିପାରିନାହାନ୍ତି ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ଚିହ୍ନିବା ପାଇଁ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ବୟତର ପରିଧି ମଧ୍ୟକୁ ଆସିବା ପାଇଁ ସମର୍ଥନ ପ୍ରଦାନ କରନ୍ତୁ ଏବଂ ସମସ୍ତ ସଂସାରବାସୀଙ୍କୁ ମଧ୍ୟ ଯଥାଶୀଘ୍ର ଇସ୍‌ଲାମ୍‌ର ଧ୍ୱଜାତଳେ ଆସିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମେମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଧ୍ୱଜା ବା ବାନାକୁ ଫର ଫର ଉଡୁଥିବାର ଦେଖିବାକୁ ଅଲ୍ଲାଃ ତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମେମାନେ ସମଗ୍ର ପୃଥିବୀରେ ଏକେଶ୍ୱରବାଦକୁ ସ୍ଥାପିତ ହେଉଥିବାର ଦେଖିପାରିବା । **ଇନ୍‌ଶାଅଲ୍ଲାଃ ।**

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଜଣେ ମହିଳା ସାମ୍ବାଦିକଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ଆଜି ପ୍ରୋଗ୍ରାମ ମୁତାବକ Deutschland Radio ର ଜଣେ ମହିଳା ସାମ୍ବାଦିକା ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ଆସି ପହଂଚିଥିଲେ, ତାଙ୍କ ବ୍ୟତିତ ଆମ୍ବାସାଡ଼ର Berresheim ସାହେବ ଯିଏ ହେଉଛନ୍ତି Director of the Department Religion and Politics Ministery of Foreign Affairs, ସେ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ଆସିଥିଲେ ।

ଠିକ୍ ସକାଳ ୧୦:୩୫ ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତର ଭିତରକୁ ପ୍ରବେଶ କଲେ ଓ ସେଠାରେ Deutschland Radio ମହିଳା ଜର୍ନାଲିଷ୍ଟ ଜଣକ ହଜୁର ଅନଓ୍ୱର ଅ:ବ:ଅଙ୍କର ଇଂଟରଭ୍ୟୁ ନେଲେ ।

ମହିଳା ଜର୍ନାଲିଷ୍ଟଜଣକ କହିଲେ ଯେ, ମୁଁ କାଲି ଆପଣଙ୍କର ବକ୍ତବ୍ୟ ଶୁଣିଥିଲି । ମୋର ପ୍ରଥମ ପ୍ରଶ୍ନ ହେଉଛି ଏହା କି, ଆପଣ ଏକଥା କହିଥିଲେ ଯେ, ୟୁରୋପରେ ନାସ୍ତିକବାଦ ଚିନ୍ତାଧାରା ବଢ଼ିଚାଲିଛି ଯାହା ୟୁରୋପ ପାଇଁ ଇସ୍‌ଲାମ୍ ଅପେକ୍ଷା ଅଧିକ ବିପଦପୂର୍ଣ୍ଣ କଥା ତେଣୁ ଆପଣ ଲୋକମାନଙ୍କୁ ଧର୍ମ ଆଡ଼କୁ ଆଣିବା ପାଇଁ କହିଥିଲେ, ସେ ଇସାଇ ଧର୍ମ ହେଉ, ଇହୁଦୀ ଧର୍ମ ହେଉ ବା ଯେକୌଣସି ଧର୍ମ ହେଉ । ଆପଣଙ୍କ ମତରେ ଚାରିର୍ତିକ ମୂଲ୍ୟବୋଧକୁ ନାସ୍ତିକବାଦ ଦ୍ୱାରା କି ପ୍ରକାର ବିପଦ ରହିଛି ?

ଏହି ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ସମସ୍ତ ଧାର୍ମିକ ପୁସ୍ତକଗୁଡ଼ିକରେ ସେଥିରେ ବାଇବେଲ ଓ ପବିତ୍ର କୁର୍‌ଆନ୍ ମଧ୍ୟ ରହିଛି, ସେ ସବୁରେ କିଛି ନୈତିକ ମୂଲ୍ୟବୋଧର ଚର୍ଚ୍ଚା ମିଳିଥାଏ । ସେଗୁଡ଼ିକ ପ୍ରତି କୌଣସି ଧ୍ୟାନ ଦିଆଯାଉନାହିଁ । ଉଦାହରଣ ସ୍ୱରୁପ ମାଆ ବାପାଙ୍କୁ ସେହିଭଳି ସମ୍ମାନ କରାଯାଉନାହିଁ ଯେଉଁଭଳି ପୂର୍ବେ କରାଯାଉଥିଲା ବା ଧର୍ମ ପୁସ୍ତକଗୁଡ଼ିକର ଶିକ୍ଷା ମୁତାବକ ପରିଚାଳିତ ହେଉନାହାନ୍ତି । ଏହିପରି ନିତିଦିନିଆ ଆହୁରି ବି ଅନେକ କଥା ଅଛି ସେଗୁଡ଼ିକ ପ୍ରତି ସମ୍ପୂର୍ଣ୍ଣ ରୂପେ ସମ୍ମାନ ଦିଆଯାଉନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣ ଖବରକାଗଜରେ ମଧ୍ୟ ପଢ଼ିପାରିବେ କାରଣ ସେଥିରେ ରିପୋର୍ଟ ଗୁଡ଼ିକ ପ୍ରକାଶିତ ହେଉଅଛି ଯେ, ସନ୍ତାନମାନେ କହୁଛନ୍ତି କି ସେମାନଙ୍କ ମାଆ ବାପାଙ୍କର ବ୍ୟବହାର ସେମାନଙ୍କ ପ୍ରତି ଠିକ୍ ରହୁନାହିଁ ଯେବେକି ମାଆ ବାପାଙ୍କର ଚିନ୍ତାଧାରା ଭିନ୍ନ ହୋଇଥାଏ । ଏବେ ମାଆ ବାପାମାନେ ମଧ୍ୟ ଏ ସ୍ୱର ଉତୋଳନ କରିଦେଲେଣି ଯେ, ପିଲାମାନଙ୍କୁ ଏତେମାତ୍ରାରେ ସ୍ୱାଧିନ ମିଳିବା ଠିକ୍ ନୁହେଁ ଯେତେ ତାଙ୍କୁ ମିଳିସାରିଛି । ଏହିପରି ଅନେକ ନୈତିକ ମୂଲ୍ୟବୋଧ ରହିଛି ଯାହାକୁ ଏହି ସମାଜରେ ଉପେକ୍ଷା କରାଯାଉଅଛି ତେଣୁ ମୁଁ କହୁଛି ଯେ, କିଛି ନୈତିକ ମୂଲ୍ୟବୋଧ ଯାହାର ଚର୍ଚ୍ଚା ଧାର୍ମିକ ପୁସ୍ତକଗୁଡ଼ିକରେ ମିଳୁଅଛି ତାହା ପ୍ରତି ଧ୍ୟାନ ଦିଆଯାଉନାହିଁ ।

ଜର୍ନାଲିଷ୍ଟ ଜଣକ ପୁଣି ପଚାରିଲେ ଯେ, ଆପଣ ଧର୍ମୀୟ ସ୍ୱାଧିନତା ଏବଂ ଆପୋଷରେ ଥିବା ସହିଷ୍ଣୁତାର ଗୁରୁତ୍ୱ ଉପରେ କଥା ହୋଇଥିଲେ କିନ୍ତୁ ଯଦି ଆପଣ ଇସ୍‌ଲାମିୟ ଦେଶଗୁଡ଼ିକୁ ଦେଖିବେ ତେବେ ଅନେକ ଇସ୍‌ଲାମିୟ ଦେଶଗୁଡ଼ିକରେ ଅଳ୍ପସଂଖ୍ୟକଙ୍କ ପାଇଁ ଧୈର୍ଯ୍ୟ ଓ ସହିଷ୍ଣୁତା ଦେଖିବାକୁ ମିଳୁନାହିଁ । ଉଦାହରଣ ସ୍ୱରୁପ ଯମାତ୍ ଅହେମଦିୟାକୁ ମଧ୍ୟ ଏହାର ସମ୍ମୁଖିନ ହେବାକୁ ପଡୁଅଛି । ତେବେ କ'ଣ ୟୁରୋପରେ ପ୍ରଚଳିତ ଧର୍ମୀୟ ସ୍ୱାଧିନତା ଆପଣଙ୍କୁ ଆହୁରି ଉନ୍ନତି କରିବାର ଅବସର ଯୋଗାଇ ଦେବ କି ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ସେ ଯାହା ହେଉ ନା କାହିଁକି ୟୁରୋପରେ ଗୋଟିଏ ସକରାତ୍ମକ କଥା ନିଶ୍ଚିତ ରୂପେ ମିଳୁଛି ଯେ, ଆପଣଙ୍କୁ ମତ ପ୍ରକାଶ କରିବାର ଅଧିକାର ବା ଧର୍ମ, ଆସ୍ଥାର ସ୍ୱାଧିନତା ହାସଲ ଅଛି । ତେବେ ନିଶ୍ଚିତରୂପେ ଏଠାରେ ଏକଥା ରହିଛି ଯେ, ଆପଣଙ୍କ ଇଚ୍ଛା ଅନୁସାରେ ଆପଣ ଯେଉଁ ବିଶ୍ୱାସ ଆସ୍ଥାକୁ ମାନୁଛନ୍ତି ତାହା ଉପରେ ପରିଚାଳିତ ହୋଇପାରିବେ ଓ ସେହି ଆସ୍ଥାକୁ ପ୍ରକାଶ କରିପାରିବେ କିନ୍ତୁ କେତେକ ଇସ୍‌ଲାମିୟ ରାଷ୍ଟ୍ରଗୁଡ଼ିକରେ ଏହି ଅଧିକାର ଦିଆଯାଉନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପବିତ୍ର କୁର୍‌ଆନ୍ ମଧ୍ୟ ଏ କଥା କହୁଅଛି ଯେ, ଧର୍ମ ପ୍ରସଙ୍ଗରେ ବା ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ ତେଣୁ ଆମେ ମଧ୍ୟ ତାହା ଉପରେ ଇମାନ୍ (ବିଶ୍ୱାସ) ରଖିଛୁ । କିନ୍ତୁ ତତ୍‌ସହିତ ଯେତେବେଳେ ଆମେ ନିଜ ବିଶ୍ୱାସ ଓ ଆସ୍ଥାର ତବ୍‌ଲିଗ୍ (ପ୍ରଚାର ପ୍ରସାର) କରୁଅଛୁ ବା ତାହାର ପ୍ରକାଶ କରିଥାଉ, ତେବେ ଯଦି ଲୋକମାନଙ୍କୁ ଏହି ବାର୍ତ୍ତା ଭଲ ଲାଗେ ଏବଂ ଏହି ବାର୍ତ୍ତା ଯଦି ଭଲ, ତେବେ ଏ ଲୋକମାନେ ଏହାକୁ ମାନିନେବେ । ମୋର ଏ ଆଶା ଅଛି ଯେ, ଏଠାରେ ଉତମ ଶିକ୍ଷାର ସବୁକିଛି ମାଧ୍ୟମ ମହ୍‌ଜୁଦ୍ ଅଛି ବା ଏଠିକାର ଲୋକମାନଙ୍କର ଯେବେ ବି ଧର୍ମ ପ୍ରତି ଧ୍ୟାନ ଆକର୍ଷଣ ହେବ ସେତେବେଳେ ଏହି ଲୋକମାନେ ଦେଖିବେ ଯେ, ଇସ୍‌ଲାମିୟ ଶିକ୍ଷା ସେମାନଙ୍କ ଆଧ୍ୟାତ୍ମିକ ଉନ୍ନତି ପାଇଁ ଓ ସେମାନଙ୍କୁ ଧର୍ମ ଆଡ଼କୁ ଲେଉଟାଇ ନେଇଯିବା ପାଇଁ ବହୁତ ଫଳପ୍ରଦ ହେବ । ତେଣୁ ଆମେ ଆଶା ରଖିଛୁ ଯେ, ଯଦି ଲୋକମାନଙ୍କର ଧର୍ମ ପ୍ରତି ଧ୍ୟାନ କେନ୍ଦ୍ରିତ ହେବ ତେବେ ଏଠାରେ ଇସ୍‌ଲାମ୍ ବହୁତ ଉନ୍ନତି କରିବ ।

ଜର୍ନାଲିଷ୍ଟ ଜଣକ ପୁଣି ପଚାରିଲେ ଯେ, ଅହେମଦିମାନଙ୍କୁ ନିଜ ସମ୍ପ୍ରଦାୟ ବ୍ୟତିତ ଅନ୍ୟ ସମ୍ପ୍ରଦାୟରେ ବିବାହ କରିବା ପାଇଁ ଅନୁମତି ନାହିଁ । ତେଣୁ ଆପଣ ଏହି ପ୍ରଥାକୁ ସ୍ୱାଧିନତା ସହିତ କିପରି ଯୋଡୁଛନ୍ତି ? କ'ଣ ନିଜ ପସନ୍ଦରେ ବିବାହ କରିବା ଦ୍ୱାରା ସ୍ୱାଧିନତା ପ୍ରାପ୍ତ ହୋଇନଥାଏ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏକଥା ସମ୍ପୁର୍ଣ୍ଣରୂପେ ଠିକ୍ ନୁହେଁ । ପ୍ରକୃତ କଥା ହେଉଛି ଏହା କି ବେଳେବେଳେ ମହିଳାମାନେ ପୁରୁଷମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇଥାଆନ୍ତି ତେଣୁ ଆମେ ଏକଥା କହୁଅଛୁ ଯେ, ଯଦି ଜଣେ ଅହେମଦି ଝିଅ ଆମ ଯମାତ୍‌ରୁ ବାହାରି ଅନ୍ୟ କୌଣସି ସମ୍ପ୍ରଦାୟରେ ବିବାହ କରୁଅଛି ତେବେ ସମ୍ଭବତଃ ଏହି ଝିଅଟି ଓ ତା'ର ପିଲାମାନେ ତା' ସ୍ୱାମୀଙ୍କ ଦ୍ୱାରା ପ୍ରଭାବିତ ହେବେ । ପୁଣି ଆମେ ଦେଖିଥାଉ ଯେ, ଯଦି ପୁରୁଷ ଓ ମହିଳାମାନଙ୍କର ସମ୍ପର୍କ ଭିନ୍ନ ଭିନ୍ନ ଧର୍ମ ସହିତ ରହିଛି ତେବେ କିଛି ଦିନ ପରେ ସେମାନଙ୍କ ମଧ୍ୟରେ ମତଭେଦ ଆରମ୍ଭ ହୋଇଯାଏ । ସେଥିଯୋଗୁଁ ସେମାନଙ୍କର ପରିବାର ଖରାପ ହୋଇଯାଏ । ଅନ୍ୟପଟେ କିଛି ଝିଅ ମୋଠାରୁ ଅନୁମତି ମାଗିଥାନ୍ତି ଓ ମୁଁ ସେମାନଙ୍କୁ ଅନୁମତି ମଧ୍ୟ ଦେଇଦିଏ । ଏତଦ୍‌ବ୍ୟତିତ ଅହେମଦୀ ପୁରୁଷମାନେ ମଧ୍ୟ ଆମ ଯମାତ୍‌ରୁ ବାହାରେ ବିବାହ କରିଥାନ୍ତି । ଏମିତି କେତେକ ଅହେମଦି ପୁରୁଷ ଅଛନ୍ତି ସେମାନଙ୍କର ପତ୍ନୀ ହେଉଛନ୍ତି ଖ୍ରୀଷ୍ଟିୟାନ୍ ବା ଅନ୍ୟ ଧର୍ମକୁ ମାନୁଥିବା ମହିଳା । ସେ ଯାହା ହେଉ ଆମର ଏ ବିଶ୍ୱାସ ଯେ, ଜଣେ ମୋମିନ୍ (ବିଶ୍ୱାସକାରୀ)କୁ ଏପରି ବ୍ୟକ୍ତି ସହିତ ବିବାହ କରିବା ଉଚିତ ଯିଏ ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣୁଥିବ ଓ ପିତୁଳା ପୂଜା କରୁନଥିବ ।

ପୁଣି ଜର୍ନାଲିଷ୍ଟ ପଚାରିଲେ ଯେ, ଗତକାଲିର ଏହି ସଭାରେ ମତେ ଜଣେ ମଧ୍ୟ ମହିଳା ଦେଖା ଗଲେନାହିଁ ଏ ସନ୍ଦର୍ଭରେ ଆପଣଙ୍କର ମତ କ'ଣ ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: କାଲି ଯେଉଁ ଫଙ୍କସନ୍ ଥିଲା ତାହା ବାହାର ଲୋକମାନଙ୍କ ପାଇଁ ଥିଲା । ବହୁତ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା ଓ ବହୁତ ଲୋକେ ଏଠାରେ ଯୋଗ ଦେବାପାଇଁ ରାଜି ମଧ୍ୟ ହୋଇଥିଲେ କିନ୍ତୁ ସେଠାରେ ସୀମିତ ମାତ୍ରାରେ ସିଟ୍ ଥିଲା ଏବଂ ଯିଏ ଏହି ଫଙ୍କ୍‌ସନ୍‌କୁ ଅର୍ଗାନାଇଜ୍ କରିଥିଲେ ସେମାନେ ପୁରୁଷ ହିଁ ଥିଲେ । ନଚେତ ଆମେ ଏହିଭଳି ଯେତେକ ଫଙ୍କ୍‌ସନ୍ ଆୟୋଜନ କରିଥାଉ ସେଥିରେ ସେହି ମହିଳାମାନଙ୍କୁ ମଧ୍ୟ ବସିବାକୁ ଅନୁମତି ଦେଇଥାଉ ଯେଉଁମାନେ ନିଜ ସାଥିରେ ଅତିଥିମାନଙ୍କୁ ଘେନି ଆଣିଥାନ୍ତି । କିନ୍ତୁ ଗତକାଲି ଯେଉଁ ଲୋକମାନଙ୍କୁ ଏହି ଫଙ୍କ୍‌ସନ୍ ନିମନ୍ତେ ନିମନ୍ତ୍ରଣ ଦିଆଯାଇଥିଲା ଏବଂ ଯେଉଁମାନେ ଏଥିରେ ସାମିଲ ହେବାପାଇଁ ହଁ କରିଥିଲେ ଏବଂ କୌଣସି ଅହେମଦି ମହିଳା ଅତିଥିମାନଙ୍କୁ ଆଣିନଥିଲେ ଓ ଏହି ସଭାରେ ଯେହେତୁ ପୁରୁଷମାନେ ହିଁ ସାମିଲ ଥିଲେ ସେଥିଯୋଗୁଁ ସେଠାରେ କେବଳ ପୁରୁଷମାନେ ହିଁ ଥିଲେ ଓ କୌଣସି ଅହେମଦି ମହିଳା ନଥିଲେ । କିନ୍ତୁ ସାଧାରଣତଃ ଆମ ମସ୍‌ଜିଦ୍‌ରେ ଅନୁଷ୍ଠିତ ହେଉଥିବା ସମ୍ମିଳନୀରେ ଓ ଅନ୍ୟାନ୍ୟ ଫଙ୍କ୍‌ସନ୍‌ରେ ମଧ୍ୟ ବହୁତ ମହିଳା ଯୋଗ ଦେଇଥାନ୍ତି ।

ଜର୍ନାଲିଷ୍ଟ ଜଣକ କହିଲେ ଯେ, ମୁଁ ଏକଥା ପଢ଼ିଛି ଯେ, ଅହେମଦି ମହିଳାମାନଙ୍କ ପାଇଁ ସର୍ବପ୍ରଥମ ସ୍ଥାନ ହେଉଛି ତା' ଘର । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ପ୍ରଥମ କଥା ହେଉଛି ଏହା କି, ଇସ୍‌ଲାମ୍ ପୁରୁଷ ଓ ମହିଳାମାନଙ୍କର ଅଲଗା ଅଲଗା କର୍ତବ୍ୟ ନିର୍ଦ୍ଧାରଣ କରିଅଛି ତା' ମୁତାବକ ରୋଜଗାର କରିବାର ଦାୟିତ୍ୱ ପୁରୁଷମାନଙ୍କ ଉପରେ ରହିଛି ଓ ଆର୍ଥିକ ରୂପେ ଘରକୁ ସେମାନେ ହିଁ ଚଳାଇଥାନ୍ତି ଓ ମହିଳାମାନେ ସାଧାରଣତଃ ଘରର ଦେଖାଶୁଣା କରିଥାନ୍ତି ଓ ପିଲାମାନଙ୍କର ତର୍‌ବିୟତ୍ (ଉତମ ପ୍ରଶିକ୍ଷଣ ଓ ସଂସ୍କାର) କରିଥାନ୍ତି । କିନ୍ତୁ ତତ୍‌ସହିତ ଆମେ ମହିଳାମାନଙ୍କ ଶିକ୍ଷା ଅର୍ଜନ କରିବାର ହକ୍‌କୁ ଅସ୍ୱୀକାର କରୁନାହୁଁ । ଯଦି କୌଣସି ମହିଳା ଶିକ୍ଷିତା, ଇଞ୍ଜିନିୟର, ଡ଼ାକ୍ତର, ଶିକ୍ଷୟତ୍ରୀ ବା ଅନ୍ୟ କୌଣସି ପେଶାରେ ଶିକ୍ଷିତା ମହିଳା ଅଛନ୍ତି ସେମାନେ ବାହାରକୁ ରୋଜଗାର ପାଇଁ ଯାଇଥାନ୍ତି ଓ ବାହାରେ ଯାଇ କାମ ମଧ୍ୟ କରିଥାନ୍ତି । କିନ୍ତୁ ଯେତେବେଳେ ସେ ଘରକୁ ଫେରନ୍ତି ସେତେବେଳେ ସେମାନଙ୍କୁ ଘରର ଧ୍ୟାନ ରଖିବାକୁ ପଡ଼ିଥାଏ । ପ୍ରଥମ କଥା ହେଉଛି ଏହା କି, ଏହା ହେଉଛି କର୍ତବ୍ୟର ବିଭାଜନ ତେଣୁ ତା' ମୁତାବକ ପୁରୁଷମାନେ ବାହାର କାମ କରିଥାନ୍ତି ଓ ମହିଳାମାନେ ଘରେ କାମ କରିଥାନ୍ତି । କିନ୍ତୁ ଯଦି କୌଣସି ମହିଳାଙ୍କ ମଧ୍ୟରେ ସାମର୍ଥ୍ୟ ରହିଛି ବା କୌଣସି ଏକ ବିଷଶଷ କ୍ଷେତ୍ରରେ ସେ ମହାରତ୍ ରଖିଛନ୍ତି ତେବେ ସେ ବାହାରକୁ ଯାଇ କାମ ମଧ୍ୟ କରିପାରିବେ କିନ୍ତୁ ତା' ସହିତ ତାଙ୍କୁ ଘରର ଦେଖାଶୁଣା ମଧ୍ୟ କରିବାକୁ ପଡ଼ିବ । ମହିଳାମାନଙ୍କୁ ଘରେ ରହିବା ବା ଘରର କାମଧନ୍ଦା ସମ୍ଭାଳିବାର ଅର୍ଥ କଦାପି ଏହା ନୁହେଁ ଯେ, ସେମାନଙ୍କୁ ଘରୁ ବାହାରକୁ ବାହାରିବା ପାଇଁ ଅନୁମତି ନାହିଁ । ଆମ ସମ୍ପ୍ରଦାୟରେ ମହିଳାମାନଙ୍କର ଏକ ସଂଘଠନ ରହିଛି ଯେଉଁମାନେ ବହୁତ ଆକ୍ଟିଭ୍ । ଯଦି ଆପଣ କେବେ ଆମ ଜଲ୍‌ସା ଦେଖିଥିବେ ତେବେ ଆପଣମାନେ ଜାଣିପାରିଥିବେ ଯେ, ମହିଳାମାନେ ନିଜ ନିଜର ଫଙ୍କସନ୍ ଗୁଡ଼ିକୁ ନିଜେ ହିଁ ଆୟୋଜନ କରିଥାନ୍ତି ଓ ସେମାନେ ଆମ ଯମାତ୍‌ର ଆକ୍ଟିଭ୍ ସଦସ୍ୟ ଅଟନ୍ତି । ସେମାନେ ବାହାରକୁ ଯାଇ ମଧ୍ୟ ନିଜର ଫଙ୍କ୍‌ସନ୍ ଅନୁଷ୍ଠିତ କରିଥାନ୍ତି ଏବଂ ସେମାନଙ୍କର ନିଜର ଅଲଗା ବ୍ୟବସ୍ଥା ରହିଛି । ପୁଣି ମହିଳାମାନଙ୍କ ମଧ୍ୟରୁ ବହୁ ସଂଖ୍ୟାରେ ଡ଼ାକ୍ତର ଅଛନ୍ତି, ଶିକ୍ଷୟତ୍ରୀ ଅଛନ୍ତି ଏବଂ ଆର୍କିଟେକ୍ଟ ମଧ୍ୟ ଅଛନ୍ତି ଯେଉଁମାନେ ବାହାରକୁ ଯାଇ କାମ କରିଥାନ୍ତି ।

ପୁଣି ସେ ମହିଳା ସାମ୍ବାଦିକ ପଚାରିଲେ ଯେ, ତେବେ ପୁଣି ମହିଳା ଓ ପୁରୁଷମାନଙ୍କ ମଧ୍ୟରେ Separation ସ କାହିଁକି ରଖାଯାଇଛି ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ

କହିଲେ: କାରଣ ମୁଁ ଏହା ବିଶ୍ୱାସ କରୁଛି ଯେ, ଯଦି ମହିଳାମାନଙ୍କୁ ପୁରୁଷମାନଙ୍କ ଛତ୍ରଛାୟା ତଳୁ ଅଲଗା ରଖି ସେମାନଙ୍କୁ ମୌକା ଦିଆଯାଏ ତେବେ ସେମାନେ ବହୁତ ଉତମ ରୂପେ କାମ କରିଥାନ୍ତି । ଯେତେବେଳେ ସେମାନେ ପୁରୁଷମାନଙ୍କଠାରୁ ଅଲଗା କାମ କରିଥାନ୍ତି ସେତେବେଳେ ସେମାନେ ନିଜ କାମରେ ଉନ୍ନତି କରିଥାନ୍ତି ଓ ସ୍ୱାଧିନ ମଧ୍ୟ ରହିଥାନ୍ତି । ଯଦି ଆପଣ ଗୋଟିଏ ବଡ଼ ବୃକ୍ଷ ତଳେ ଛୋଟ ଛୋଟ ଚାରାଗଛ ଲଗାଇବେ ତେବେ ତାହା ସଠିକ୍ ରୂପେ ବିକଶିତ ହୋଇପାରିବ ନାହିଁ ତେଣୁ ଆମେ ଏ କଥା ଭାବୁଛୁ ଯେ, ଯଦି ମହିଳାମାନେ ପୁରୁଷମାନଙ୍କଠାରୁ ଅଲଗା ହୋଇ କାମ କରିବେ ତା'ହେଲେ ସେମାନେ ଅଧିକ ଉତମ ରୂପେ ଉନ୍ନତୀ କରିପାରିବେ । କିନ୍ତୁ ତତ୍‌ସହିତ ମହିଳାମାନଙ୍କ ନିକଟରେ ମଧ୍ୟ ସେହି ସବୁ ଅଧିକାର ରହିଛି ଯାହା ପୁରୁଷମାନଙ୍କ ନିକଟରେ ରହିଛି । ମହିଳାମାନଙ୍କୁ ଖୁଲା (Divorce) ନେବାର ହକ୍ ରହିଛି । ଇସ୍‌ଲାମ୍‌ରେ ମହିଳାମାନଙ୍କୁ ଉତରାଧିକାରୀ ହେବାର ହକ୍ ମଧ୍ୟ ରହିଛି ସେହିଭଳି ଆହୁରି ଅନେକ ଅଧିକାର ମଧ୍ୟ ସେମାନଙ୍କର ରହିଛି । ଯାହା ପାଶ୍ଚାତ୍ୟ ଦେଶଗୁଡ଼ିକରେ କିଛି ଦଶକ ପୂର୍ବରୁ ମହିଳାମାନଙ୍କୁ ପ୍ରାପ୍ତ ନଥିଲା । ଯଦି ଆପଣମାନଙ୍କ ନିକଟରେ ଏବେ ଏହି ଅଧିକାର ଅଛି ତେବେ ଆପଣମାନେ ଏହା କହିପାରିବେ ନାହିଁ ଯେ, ଆପଣ ମହିଳାମାନଙ୍କ ଅଧିକାରରେ ଚାମ୍ପିୟନ୍ ଅଟନ୍ତି । ବରଂ ଇସ୍‌ଲାମ୍ ହେଉଛି ମହିଳାମାନଙ୍କୁ ସେମାନଙ୍କର ଅଧିକାର ଦେବାର କାର୍ଯ୍ୟରେ ଚମ୍ପିୟାନ୍ ।

ସେହି ମହିଳା ସାମ୍ବାଦିକ ଜଣକ ପୁଣି କହିଲେ ଯେ, କିନ୍ତୁ ମହିଳାମାନଙ୍କୁ ମାଆ ବାପାଙ୍କ ଉତରାଧିକାରୀ ରୂପେ ଯେଉଁ ସମ୍ପତି ମିଳିଥାଏ ତାହା ପୁରୁଷମାନଙ୍କ ଅପେକ୍ଷା ଅଧା ମିଳିଥାଏ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହା ପଛରେ ବି ଗୋଟିଏ ରହସ୍ୟ ଅଛି । ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ, ଯଦି ଆପଣ ଏହିଭଳି ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିବେ ତେବେ ମୋର ସବୁତକ ସମୟ ନେଇଯିବେ । ଯେବେକି ମୋତେ ଏମିତି ବି ବିଳମ୍ବ ହେଉଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁଠି ମହିଳାମାନଙ୍କୁ ପୁରୁଷମାନଙ୍କ ତୁଳନାରେ ସମ୍ପତିର ଅଧାଭାଗ ମିଳିଥାଏ ଏ ସମ୍ପର୍କରେ ମୁଁ ଏହା ମଧ୍ୟ କହିସାରିଛି ଯେ, ଘରର ସଦସ୍ୟମାନଙ୍କ ରୋଟି ପାଣିର ବ୍ୟବସ୍ଥା କରିବାର ଦାୟିତ୍ୱ ପୁରୁଷମାନଙ୍କ କାନ୍ଧରେ ରହିଛି କାରଣ ପୁରୁଷମାନେ ରୋଜଗାର କରିଥାନ୍ତି ତେଣୁ ସେମାନେ ଘର ଖର୍ଚ୍ଚର ଦାୟିତ୍ୱ ବହନ କରିବେ । ସେଥିସକାଶେ ଯଦି ମହିଳାମାନେ ଖର୍ଚ୍ଚ ଉଠାଇବାର ଦାୟିତ୍ୱ ନେଇନାହାନ୍ତି ତେବେ ପୁଣି ତାଙ୍କୁ ତାଙ୍କ ପିତୃ ସମ୍ପତିରେ ଯାହା କିଛି ବି ମିଳୁଅଛି ତାହା ତାଙ୍କ ନିଜର । ତେଣୁ ସେହି ଟଙ୍କାକୁ ସେମାନେ ନିଜ ଘର ଖର୍ଚ୍ଚ ପାଇଁ ବା ନିଜ ସ୍ୱାମୀଙ୍କ ଉପରେ ବା ନିଜ ସନ୍ତାନମାନଙ୍କ ଉପରେ ଖର୍ଚ୍ଚ କରିବାପାଇଁ ବାଧ୍ୟ ନୁହନ୍ତି । ଯେହେତୁ ପିଲାମାନଙ୍କର ଖର୍ଚ୍ଚ ଓ ଘରର ଖର୍ଚ୍ଚ କରିବାପାଇଁ ପୁରୁଷଙ୍କୁ ଦାୟିତ୍ୱ ଦିଆଯାଇଛି ତେଣୁ ମହିଳାମାନଙ୍କୁ ତାଙ୍କ ପିତୃକ ସମ୍ପତିରେ ଯାହା କିଛି ମିଳୁଅଛି ତାହା କେବଳ ତାଙ୍କରି ଅଟେ । କିନ୍ତୁ ଯାହା କିଛି ପୁରୁଷମାନଙ୍କୁ ମିଳୁଅଛି ସେ ନିଜର ସ୍ତ୍ରୀଙ୍କ ଉପରେ ମଧ୍ୟ ଖର୍ଚ୍ଚ କରିବ ଓ ନିଜ ସନ୍ତାନମାନଙ୍କ ପାଇଁ ମଧ୍ୟ ଖର୍ଚ୍ଚ କରିବ । ତେଣୁ ଏହା ପଛରେ ଏହି ତର୍କ ରହିଛି ।

ମହିଳା ପତ୍ରକାର ଜଣକ ଏହି ଉତର ପାଇ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଧନ୍ୟବାଦ ଅର୍ପଣ କଲେ ଓ ଶେଷ ପ୍ରଶ୍ନ ପଚାରି ନିବେଦନ କଲେ ଯେ, ଆପଣଙ୍କ ପୂର୍ବରୁ ଥିବା ଖଲିଫା ଏ କଥା କହିଥିଲେ ଯେ, ସେ ଜର୍ମାନୀରେ ଶହେଟି ମସ୍‌ଜିଦ୍ ନିର୍ମାଣ କରିବାକୁ ଚାହୁଁଛନ୍ତି । ତେଣୁ କ'ଣ ଆପଣ ମଧ୍ୟ ତାହା ଚାହୁଁଛନ୍ତି କି ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ତାହା ତ' ଜର୍ମାନୀ ଯମାତ୍‌କୁ ଗୋଟିଏ ପ୍ରାରମ୍ଭିକ ଟାର୍ଗେଟ ଦିଆଯାଇଥିଲା । ଏହାର ଅର୍ଥ ନୁହେଁ ଯେ, ଆମେ ଶହେଟି ମସ୍‌ଜିଦ୍ ନିର୍ମାଣ କରିବାପରେ ରହିଯିବୁ । ବରଂ ଆମେ ଏଠି ଜର୍ମାନୀରେ ଆହୁରି ଅଧିକ ମସ୍‌ଜିଦ୍ ନିର୍ମାଣ କରିଚାଲିବୁ କିନ୍ତୁ ଏ ପର୍ଯ୍ୟନ୍ତ ଆମେ ଶହେଟି ମସ୍‌ଜିଦ୍ ନିର୍ମାଣ କରିବାର ଲକ୍ଷ୍ୟକୁ ପୁରଣ କରିନାହୁଁ । ସେଥିଯୋଗୁଁ ବର୍ତମାନ ଆମର ଧ୍ୟାନ ଶହେଟି ମସ୍‌ଜିଦ୍ ନିର୍ମାଣ କରିବା ପ୍ରତି ରହିଛି । ଯେବେ ଏହି ଟାର୍ଗେଟ୍ ସମ୍ପୂର୍ଣ୍ଣ ହୋଇଯିବ ସେତେବେଳେ ମୁଁ ବା ମୋ ପରେ ଯିଏ ଆସିବେ ସେ ନୂଆ ଟାର୍ଗେଟ ଦେବେ ।

ସାକ୍ଷାତକାରର ଶେଷରେ ସେହି ମହିଳା ସାମ୍ବାଦିକ ଜଣକ ହଜୁର ଅନଓ୍ୱର ଅ:ବ:ଅଙ୍କ ସମୟ ଦେବାପାଇଁ ବହୁତ କୃତଜ୍ଞତା ଜ୍ଞାପନ କଲେ । ଏହି Interview ୧୧ ଟା ପର୍ଯ୍ୟନ୍ତ ଜାରି ରହିଲା ।

**ଆମ୍ବାସଡ଼ରଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ତା'ପରେ ଆମ୍ବାସଡ଼ର Volker Berreshein ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କଲେ । ସେ ମହାଶୟ Ministry of Foreign affairs ରେ Director of religion & Polytical Department ଅଛନ୍ତି । ସେ ମହାଶୟ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଗତରାତିରେ ଅନୁଷ୍ଠିତ ହୋଇଥିବା ସାନ୍ଦାର ସମ୍ମିଳନୀ ପାଇଁ ମୁବାରକ୍ ବାଦ୍ (ଶୁଭେଚ୍ଛା) ଜଣାଇଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ସମାଜରେ ରହୁଥିବା ବିଭିନ୍ନ ଗୋଷ୍ଠୀର ଲୋକମାନେ ସେଠାକୁ ଆସିଥିଲେ ।

Dr. Derresheim କହିଲେ ଯେ, ଆଜିକାଲି ଏ ଦୁନିଆକୁ ବହୁତ ସଙ୍କଟ, ବିପଦ ଓ ଚ୍ୟାଲେଞ୍ଜର ସମ୍ମୁଖିନ ହେବାକୁ ପଡୁଛି କିନ୍ତୁ ମତେ ଲାଗୁନାହିଁ ଯେ, ତୃତୀୟ ବିଶ୍ୱଯୁଦ୍ଧର ବିପଦ ମଧ୍ୟ ରହିଛି ବୋଲି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ବାସ୍ତବିକ ଏ ଦୁନିଆକୁ ବହୁତ ବିପଦର ସମ୍ମୁଖିନ ହେବାକୁ ପଡୁଛି କିନ୍ତୁ ଏହା ସତ୍ୱେ ମଧ୍ୟ ଆପଣ ତୃତୀୟ ବିଶ୍ୱଯୁଦ୍ଧର ବିପଦକୁ ଅସ୍ୱୀକାର କରିପାରିବେ ନାହିଁ ଓ ନା ହିଁ ଅସ୍ୱୀକାର କରାଯାଇ ପାରିବ ।

ପୁଣି ସେ ମହାଶୟ କହିଲେ ଯେ, ମତେ ଏମିତି ଲାଗୁଛି ଯେ, ବିଭିନ୍ନ ସୋସାଇଟ୍‌ର ଭିତିରି ସମସ୍ୟା ବହୁତ ରହିଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ସୋସାଇଟ୍ ଗୁଡ଼ିକ ମଧ୍ୟରେ ଅନିଶ୍ଚିତତା ଲାଗିରହିଛି କିନ୍ତୁ ଏହି ଅସ୍ଥିରତା ଏବେ ଦେଶର ସୀମାକୁ ଲଂଘନ କରୁଅଛି । ତେଣୁ ବିଭିନ୍ନ ଦେଶ ମଧ୍ୟରେ ମଧ୍ୟ ବିରୋଧ ଭାବ ଜନ୍ମ ନେଉଅଛି ।

Dr. Derresheim କହିଲେ ଯେ, କିନ୍ତୁ ଏହି ସବୁ ସମସ୍ୟାର ସମାଧାନ ଏ ପର୍ଯ୍ୟନ୍ତ ଆମକୁ ମିଳିନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଜାତିସଂଘ ଓ ସେହିପରି ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ଏହି ସମସ୍ୟାର ସମାଧାନାର ବାଟ ବାହାର କରିପାରିବେ । କିନ୍ତୁ ଜାତିସଂଘ ନିଜର କାମକୁ ସଠିକ୍ ରୂପେ ନିର୍ବାହ କରୁନାହିଁ । ୟୁରୋପିଅନ୍ ପାର୍ଲାମେଂଟର ଅଡ଼ିଟରିୟମ୍‌ରେ ମୁଁ ଯେଉଁ ବକ୍ତବ୍ୟ ପ୍ରଦାନ କରିଥିଲି ସେଥିରେ ମୁଁ ୟୁରୋପିଅନ୍ ୟୁନିୟନ୍ ସନ୍ଦର୍ଭରେ ଏକଥା କହିଥିଲି ଯେ, ୟୁରୋପିୟନ୍ ଦେଶଗୁଡ଼ିକ ମଧ୍ୟରେ ଥିବା ଏହି ଏକତା ନିଶ୍ଚିତ ରୂପେ କାଏମ୍ ରହିବା ଉଚିତ କିନ୍ତୁ ଆଜି ଆମକୁ ଏହି ଏକତା ମଧ୍ୟ ଭାଙ୍ଗି ଖଣ୍ଡବିଖଣ୍ଡିତ ହେବାର ଦୃଷ୍ଟି ଗୋଚର ହେଉଅଛି । Brexit ହେଉଛି ଏକ ଆରମ୍ଭ ମାତ୍ର ତା'ପରେ ସମ୍ଭବତଃ ଇଟାଲି, ସ୍ପେନ୍ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକରେ ମଧ୍ୟ ଏହା କାମ କରିବ ।

ଏଥିରେ Dr. Derresheim କହିଲେ ଯେ, ଏହି ମତଭେଦ ପଛରେ ନିୟମିତ ଟଙ୍କା ଲଗାଯାଇଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏକଥା ଆପଣଙ୍କର ବିଲ୍‌କୁଲ୍ ଠିକ୍ କଥା କାରଣ ବିଭିନ୍ନ ପ୍ରକାରର ଏକତା ଏବଂ ବ୍ଲକ୍ସ ତିଆରି ହେବାର ନଜର ଆସୁଅଛି ।

ପୁଣି ସେ ମହାଶୟ କହିଲେ ଯେ, ଲେବ୍‌ନାନ୍‌ର ରିପୋର୍ଟ ମୁତାବକ ସେଥିରେ ଯେଉଁ ବାର୍ତାଳାପ କରାଗଲା ତାହାକୁ ବିଭିନ୍ନ ଧର୍ମ ପ୍ରଶଂସା କରିଛନ୍ତି ଓ ତାହାର ସକାରାତ୍ମକ

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

---

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

ପ୍ରଭାବ ସାମନାକୁ ଆସିଛି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୁସଲମାନ ଦେଶଗୁଡ଼ିକରେ ଆପଣ ଏହା ଦେଖିପାରୁଥିବେ ଯେ, ବହୁତ ମୁସଲମାନ ଫିର୍କାଙ୍କ ମଧ୍ୟରେ ଆପୋଷରେ ମତଭେଦ ରହିଛି । କେଉଁଠାରେ ମଧ୍ୟ ଗୋଟିଏ ମିଳିତ ପ୍ଲାଟଫର୍ମ ନାହିଁ । ପ୍ରତ୍ୟେକ ଦଳର ନିଜର ଏଜେଣ୍ଡା ରହିଛି । ପାକିସ୍ତାନରେ ଏକଥା ଆପଣ ଚରମସୀମାରେ ପାଇବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ସରକାରଙ୍କୁ ଏହା ଆବଶ୍ୟକ ଯେ, ସେ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଧର୍ମ ଓ ଦେଶକୁ ଅଲଗା ରଖିବା ବହୁତ ଜରୁରୀ ଅଟେ । ନଚେତ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ । କିନ୍ତୁ ପ୍ରଶ୍ନ ହେଉଛି ଏହା କି, ଧର୍ମକୁ ଦେଶର ମାମଲାଗୁଡ଼ିକରେ ହସ୍ତକ୍ଷେପ କରିବାରୁ କିଏ ରୋକିବ ?

ପୁଣି ସେ କହିଲେ ଯେ, Lindau ଠାରେ ଗୋଟିଏ ଧର୍ମ ସଭା ଆୟୋଜନ କରଯାଇଥିଲା ସେଥିରେ ୯୦୦ରୁ ଅଧିକା ପ୍ରତିନିଧି ସାମିଲ ହୋଇଥିଲେ ଓ ସେଥିରେ ଅହେମଦିୟା ମୁସ୍‌ଲିମ୍ ଯାମତ୍‌ର ମଧ୍ୟ ପ୍ରତିନିଧି ଥିଲେ । ସେମାନେ ବି ଆକ୍ସନ ପ୍ଲାନ୍ ବନାଇଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଦେଖିବା କେଉଁ ପର୍ଯ୍ୟନ୍ତ ଏହି ଯୋଜନା ଉପରେ ପରିଚାଳିତ ହେଉଛନ୍ତି ।

ପୁଣି ସେ ମହାଶୟ କହିଲେ ଯେ, ଯେତେବେଳେ ଧାର୍ମିକ ଯମାତ୍‌ଗୁଡ଼ିକ ଏକୁଟିଆ ଛିଡ଼ା ହୋଇଥାନ୍ତି ସେତେବେଳେ ନିଜର ପ୍ରଥା ଏବଂ ସାଂସ୍କୃତିକ ବିବଶତାରେ ଛନ୍ଦି ହୋଇ ରହିଥାନ୍ତି ଏବଂ ସେମାନଙ୍କର ସ୍ୱରକୁ ଶୁଣାଯାଇ ନଥାଏ ।ଏହା ଦ୍ୱାରା କୌଣସି ବିଶେଷ ଲାଭ ହୋଇନଥାଏ କିନ୍ତୁ ଆପଣ ଯେତେବେଳେ ଭିନ୍ନ ଭିନ୍ନ ସମ୍ପ୍ରଦାୟକୁ ଏକାଠି କରି କୌଣସି ଗୋଟିଏ କଥା ଉପରେ ସହମତ କରାଇ ସ୍ୱର ଉତଳନ କରିବେ ତେବେ ଆପଣଙ୍କ ଆବାଜ୍ ବା ସ୍ୱର ଆହୁରି ଅଧିକ ଉଚ୍ଚ ହୋଇଥାଏ ଏବଂ ସରକାର ସେଗୁଡ଼ିକୁ ଶୁଣି ମଧ୍ୟ ଥାଏ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଜିକାଲିର ସମସ୍ୟା ହେଉଛି ଏହା କି, ଧାର୍ମିକ ନେତାମାନେ ଧାର୍ମିକ ହେବା ପରିବର୍ତ୍ତେ ଅଧିକ ରାଜନୈତିକ ହେଉଛନ୍ତି । ମୋର ଏ ଦୁଆ (ପ୍ରାର୍ଥନା) ଯେ, ଆପଣଙ୍କର ଏହି ଚେଷ୍ଟାରୁ ଭଲ ଫଳ ବାହାରୁ କିନ୍ତୁ ତତ୍‌ସହିତ ଆପଣଙ୍କୁ ଏକଥା ମଧ୍ୟ ବତାଇ ଦେଉଛି ଯେ, ଆପଣ ଅଧିକ ଖୁସିର ଆଶାବାଦୀ ହୁଅନ୍ତୁ ନାହିଁ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୧୧:୨୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ମହାଶୟ ଜଣକ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଫ୍ୟାମିଲି ସାକ୍ଷାତକାର**

ତା'ପରେ ପ୍ରୋଗ୍ରାମ ମୁତାବକ ପାରିବାରିକ ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳର ଆଜି ସକାଳବେଳା ଏହି ସେଶନ୍‌ରେ ୪୧ଟି ଫ୍ୟାମିଲିର ୧୪୫ ଜଣ ସଦସ୍ୟ ଏବଂ ୧୧ ଜଣ ବ୍ୟକ୍ତିଗତ ରୂପେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ସାକ୍ଷାତ କରିବାକୁ ଆସିଥିବା ଏହି ପରିବାରଗୁଡ଼ିକ ଓ ବ୍ୟକ୍ତିଗତ ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ ।

ଆଜି ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଜର୍ମାନୀର ଭିନ୍ନ ଭିନ୍ନ ୧୮ଗୋଟି ଯମାତ୍ ଗୁଡ଼ିକରୁ ଆସି ଏଠାରେ ପହଂଚିଥିଲେ । କିଛି ଜମାତ୍‌ଗୁଡ଼ିକରୁ ସାକ୍ଷାତ କରିବା ପାଇଁ ଆସିଥିବା ଫ୍ୟାମିଲି ଗୁଡ଼ିକ ବହୁତ ଲମ୍ୱା ରାସ୍ତା ଅତିକ୍ରମ କରି ଏଠାରେ ପହଂଚିଥିଲେ ।

ଔସନାବୁର୍କରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୪୨୦ କିଲୋମିଟର, FrankFort ରୁ ଆସିଥିବା ପରିବାରଗୁଡ଼ିକ ୫୫୦ କିଲୋମିଟର ଏବଂ ବୋଚଲ୍ଟ ଏବଂ ଡ଼ିଟେନ୍ ବାଖ୍‌ରୁ ଆସିଥିବା ପରିବାରଗୁଡ଼ିକ ୫୬୦ କିଲୋମିଟର ଏବଂ ୱିଜ୍‌ବାଦନ୍‌ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୫୭୦ କିମିର ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

Pfungstadt ରୁ ଆସିଥିବା ସଦସ୍ୟମାନେ ଏବଂ ପରିବାରଗୁଡ଼ିକ ୫୮୦ କିମି, Badkrenznac ରୁ ଆସିଥିବା ୬୦୦ କିମି. ଏବଂ Mannheim ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୬୨୫ କିମି ଯାତ୍ରା ଅତିକ୍ରମ କରି ନିଜର ପ୍ରିୟ ମୁନୀବଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଏଠାରେ ଆସି ପହଂଚିଥିଲେ । ଆଜି ସାକ୍ଷାତ କରିଥିବା ଲୋକମାନଙ୍କ ମଧ୍ୟରେ ଆରବ ଦେଶର କିଛି ବାସିନ୍ଦା ଓ ପରିବାର ମଧ୍ୟ ସାମିଲ ଥିଲେ ।

ଆଜି ସାକ୍ଷାତ କରିଥିବା ଲୋକମାନଙ୍କ ମଧ୍ୟରେ ଜଣେ ଗାମ୍ବିୟାନ୍ ଅହେମଦି Ahmadou Njie ସାହେବ ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ କରିବା ପରେ ସେ ମହାଶୟ କହିଲେ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ୱନ୍ଧରେ ୨୦ ବର୍ଷ ପୂର୍ବେ ଗୋଟିଏ ସ୍ୱପ୍ନ ଦେଖିଥିଲି । ମୁଁ ଯେତେବେଳେ ମୋ ମାଆଙ୍କୁ ଏହି ସ୍ୱପ୍ନ ଶୁଣାଇଲି ସେ ମତେ କହିଲେ ଯେ, ଯେପର୍ଯ୍ୟନ୍ତ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ ନ କରିଛି ସେ ପର୍ଯ୍ୟନ୍ତ ଏହି ସ୍ୱପ୍ନ କାହାକୁ ଶୁଣାଇବ ନାହିଁ ତେଣୁ ମୁଁ ସେହି ସ୍ୱପ୍ନ ବିଷୟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ପୂର୍ବରୁ ଅନ୍ୟ କାହାକୁ ଶୁଣାଇ ନାହିଁ ।

**ଗୋଟିଏ ବାବରକତ୍ ସ୍ୱପ୍ନ**

ତେଣୁ ଆଜି ସାକ୍ଷାତ କରିବା ସମୟରେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏହି ସ୍ୱପ୍ନ ବତାଇଦେଲେ । ଏବେ ମତେ ଲାଗୁଛି ଯେ, ଯେମିତି ମୋ ପାଇଁ କବାଟ ଖୋଲି ଯାଇଛି ଓ ମୁଁ ବହୁତ ଖୁସି ଅଛି । ହଜୁରଙ୍କୁ ଟିଭି ଉପରେ ଦେଖିବା ଓ ଏହିଭଳି ସାମନାରେ ଦର୍ଶନ କରିବାରେ ବହୁତ ଫରକ୍ ରହିଛି ।

ସେହି ବନ୍ଧୁଜଣକ ତାଙ୍କ ସ୍ୱପ୍ନ ବିଷୟରେ ଚର୍ଚ୍ଚା କରି ବତାଇଲେ ମୁଁ ଦେଖିଥିଲି ଯେ, ମୁଁ ପାଣି ମଧ୍ୟରେ ଅଛି ଓ ସେଠାରେ ଲକ୍ଷ୍ୟ ଲକ୍ଷ୍ୟ ଫରିସ୍ତା (ଦେବଦୂତ) ମଧ୍ୟ ଛିଡ଼ା ହୋଇଛନ୍ତି । ମୁଁ ଫରିସ୍ତାମାନଙ୍କୁ ପଚାରୁଛି ଯେ, ଆପଣମାନେ ଏଠାରେ କ'ଣ କରୁଛନ୍ତି ? ଏଥିରେ ଫରିସ୍ତାମାନେ ଉତର ଦେଲେ ଯେ, କ'ଣ ତୁମେ ଆକାଶକୁ ଦେଖୁନାହଁ ? ଯେତେବେଳେ ମୁଁ ଆକାଶକୁ ଦେଖୁଛି ସେତେବେଳେ ସେଠାରେ ଜଣେ ବ୍ୟକ୍ତି ବସିଛନ୍ତି ଏବଂ ମୁଁ ସେହି ଫରିସ୍ତାମାନଙ୍କୁ ପଚାରୁଛି ଯେ, ଏହି ବ୍ୟକ୍ତିଜଣକ କିଏ ? ଓ ନିଜେ ହିଁ ତାଙ୍କୁ କହୁଛି ଯେ, କ'ଣ ଏକଥା ଠିକ୍ ଯେ ଏହି ବ୍ୟକ୍ତି ଜଣକ ରସୁଲେ କରିମ୍ ସ:ଆ:ସଙ୍କ ସୁନ୍ନତ (କାର୍ଯ୍ୟପନ୍ଥା) ଏବଂ ଆପଣ ସ:ଆ:ସଙ୍କ ନମୁନାକୁ ସ୍ୱଷ୍ଟ କରିଦେବା ପାଇଁ ଆସିଛି । ଏଥିରେ ଫରିସ୍ତାମାନେ ସକାରାତ୍ମକ ଉତର ଦେଉଛନ୍ତି ।

ପୁଣି ମୁଁ ଫରିସ୍ତାମାନଙ୍କୁ କହୁଛି ଯେ, ମୁଁ ଏହି ବ୍ୟକ୍ତିଙ୍କ ନିକଟରେ ପହଂଚିବା ପାଇଁ ଚେଷ୍ଟା କରିବି । ଏଥିରେ ଫରିସ୍ତାମାନେ କହିଲେ ଯେ, ବହୁତ ଲୋକେ ଏହି ବ୍ୟକ୍ତିଙ୍କ ନିକଟରେ ପହଂଚିବା ପାଇଁ ଚେଷ୍ଟା କରୁଛନ୍ତି କିନ୍ତୁ ସେଠାରେ ପହଂଚି ପାରୁନାହାନ୍ତି । ଏଥିରେ ମୁଁ ଫରିସ୍ତାମାନଙ୍କୁ କହିଲି ଯେ, ମୁଁ ଇନ୍‌ଶାଅଲ୍ଲାଃ ପହଂଚିଯିବି । ପୁଣି ମୁଁ ସେଠାରୁ ଚାଲିଯାଉଛି ଓ ହଜୁର ଅନଓ୍ୱର ଅ:ବ:ଅଙ୍କ ଆଡ଼କୁ ଆକାଶକୁ ଦେଖୁଅଛି ଏବଂ ନିଜର ହାତକୁ ହଜୁରଙ୍କ ଆଡ଼କୁ ବଢ଼ାଉଛି ଏବଂ କହୁଛି ଯେ, ଏହି ଲୋକମାନେ କହୁଛନ୍ତି କି, ଆପଣ ରସୁଲେ କରିମ୍ ସ:ଆ:ସଙ୍କ ନମୁନାକୁ ସ୍ୱଷ୍ଟ କରିବାପାଇଁ ଆସିଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ସକାରାତ୍ମକ ଉତର ଦେଉଛନ୍ତି । ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ କହୁଛି ଯେ, ସେଥିପାଇଁ ମୁଁ ଆପଣଙ୍କ ସହିତ ସାକ୍ଷାତ କରିବାକୁ ଉପରକୁ ଆସିଛି ଯଦ୍ୱାରା ଆପଣଙ୍କ ଗୋଚରେ ସଲାମ କରିପାରିବି ଓ ଆପଣଙ୍କ ବର୍‌କାତ୍ (ବିଭୂତି) ଘେନି ଫେରିଯିବି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି ଠିକ୍ ଅଛି । ତା'ପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୁଁ ହାତ ମିଳାଉଛି ଓ ହଜୁର ମତେ ଗୋଟିଏ ଲଫାଫା ଦେଉଛନ୍ତି ତାହାକୁ ମୁଁ ନିଜ ପକେଟ ଭିତରେ ପୁରାଇ ଦେଉଛି ଓ ତଳକୁ ଆସି ଲୋକମାନଙ୍କୁ ବତାଉଛି ଯେ, ମୁଁ ସେହି ମହାନ୍ ବ୍ୟକ୍ତି ବିଶେଷଙ୍କ ସହିତ ସାକ୍ଷାତ କରି ଆସିଅଛି । ସେ ମୋ ପାଇଁ ଦୁଆ କଲେ ଓ ମତେ ବର୍‌କାତ୍ ପ୍ରଦାନ କଲେ ଏବଂ ମୁଁ ଏହି ବର୍‌କାତ୍‌ଗୁଡ଼ିକୁ ନିଜ ଘରକୁ ନେଇ ଯାଉଅଛି । ଯେତେବେଳେ ମୁଁ ତଳକୁ ଆସୁଛି ସେତେବେଳେ ସେଠାରେ ଗୋଟିଏ ହେଲିକପ୍ଟର ମଧ୍ୟ ଉଡ଼ି ବୁଲୁଥିଲା ମୁଁ ଲୋକମାନଙ୍କୁ ପଚାରୁଥିଲି ଯେ, ଏଠାକୁ ହେଲିକପ୍ଟର କାହିଁକି ଆସିଛି ? ପୁଣି ସ୍ୱପ୍ନରେ ମୁଁ ହେଲିକପ୍ଟର ଭିତରକୁ ଯାଉଛି ଓ ତାହା ଗୋଟିଏ ମସ୍‌ଜିଦ୍‌ର ଉପରେ ଉଡ଼ୁଛି ଓ ସେହି ମସ୍‌ଜିଦ୍‌ଟି ''ମସ୍‌ଜିଦ୍ ଖଦିଜା'' ଭଳି ଦୃଶ୍ୟମାନ ହେଉଛି । ପୁଣି ଯେତେବେଳେ ମୁଁ ମସ୍‌ଜିଦ୍‌ରେ ପହଂଚୁଛି ଓ ସେହି ଲଫାଫାଟିକୁ ଖୋଲୁଛି ଯେଉଁଥିରେ ବର୍‌କାତ୍ ଥିଲା ଓ ମୁଁ ସେହି ବର୍‌କତଗୁଡ଼ିକୁ ନିଜ ପରିବାର ମଧ୍ୟରେ ବାଂଟି ଦେଉଛି ।

ପୁଣି ସେ ମହାଶୟ ବର୍ଣ୍ଣନା କରିଛନ୍ତି

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

## ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦା ସମ୍ପୂର୍ଣ୍ଣ ରୂପେ ପଇଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ

ଯେମିତି କି ଜମାତ୍‌ର ସଦସ୍ୟମାନେ ଏ କଥା ଜାଣିଛନ୍ତି ଯେ ତହ୍‌ରିକ୍-ଏ-ଜଦିଦ୍‌ର ଚଳିତ ବର୍ଷରୁ ଛଅ ମାସ ବିତିଗଲାଣି । ୱକାଲତେ ମାଲ୍‌ଙ୍କ ସମୀକ୍ଷା ମୁତାବକ ଏ ପର୍ଯ୍ୟନ୍ତ ଅନେକ ୱାଦା (ଅର୍ଥାତ ପ୍ରତିଜ୍ଞା) କରିଥିବା ଲୋକମାନଙ୍କର ଚାନ୍ଦା ପଇଠ ହେବାକୁ ବାକି ଅଛି । ହିନ୍ଦୁସ୍ଥାନର ସମସ୍ତ ଜିଲ୍ଲା ଅମୀର, ସ୍ଥାନୀୟ ଅମୀର ଏବଂ ସଦର୍ ସାହେବ ଓ ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀ ସାହେବମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ସ୍ଥାନୀୟ ମୁବଲ୍ଲିଗୀନ୍ ଓ ମୁଅଲ୍ଲମୀନ୍ ସାହେବମାନଙ୍କ ସାହାଯ୍ୟ ଓ ସହଯୋଗ ନେଇ ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପଇଠ କରିବା ସମ୍ୱନ୍ଧରେ ''ହଫ୍‌ତା ମାଲ୍ ତହ୍‌ରିକ୍-ଏ-ଜଦିଦ୍'' ପାଳନ କରନ୍ତୁ ଫଳତଃ ସୟଦନା ହଜୁର ଅନଓ୍ୱରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମୁତାବକ ବରଂ ତା'ଠାରୁ ଅଧିକା ଅସୁଲ୍ କରିବାପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇପାରିବ । ଆମିନ୍ !

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ''ଏକଥା ଭାବ ନାହିଁ ଯେ ତହ୍‌ରିକ୍-ଏ-ଜଦିଦ୍ ମୋ ତରଫରୁ ଧାର୍ଯ୍ୟ କରାଯାଇଅଛି, ନୁହେଁ ବରଂ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ମୁଁ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣ କରିପାରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦେଶକୁ ରସୁଲେ କରିମ୍ ସ:ଆ:ସଙ୍କ ଆଦେଶାବଳୀରୁ ଦେଖାଇ ପାରିବି କିନ୍ତୁ ଚିନ୍ତା କରୁଥିବା ମସ୍ତିଷ୍କ ଓ ବିଶ୍ୱାସୀ ହୃଦୟର ଆବଶ୍ୟକ ରହିଛି । ଅତଏବ ଏକଥା ଭାବନାହିଁ ଯେ ଯାହା ମୁଁ କହିଲି ତାହା ମୋ ତରଫରୁ ବରଂ ସେ କହିଛି ଯାହା ହାତରେ ତୁମର ଜୀବନ ରହିଛି । ମୁଁ ଯଦି ମରି ଯାଏ, ତା'ହେଲେ ମଧ୍ୟ ସେ ଅନ୍ୟ ଦ୍ୱାରା ଏହା କୁହାଇବେ ଓ ତାଙ୍କ ମୃତ୍ୟୁ ପରେ ଆଉ କାହା ଦ୍ୱାରା । ଯାହା ବି ହେଉ ସେ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଏହାକୁ ସମ୍ପୂର୍ଣ୍ଣ ରୂପେ ଅନୁସରଣ ନ କରିଛ'' ।

**(ଖୁତ୍‌ବା ଜୁମା ପ୍ରଦତ ୧୩ ଡ଼ିସେମ୍ୱର ୧୯୩୫ ଖ୍ରୀଷ୍ଟାବ୍ଦ ବହ୍‌ୱାଲା ଅଲ୍‌ଫଜଲ୍ ୨୧ ଡ଼ିସେମ୍ୱର ୧୯୩୫)**

ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପ୍ରଦାନ କରୁଥିବା ନିଷ୍ଠାପର ବ୍ୟକ୍ତିମାନଙ୍କ ଧନ ଓ ଜନରେ ଅଲ୍ଲାଃ ତାଲା ଅସାଧାରଣ ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ ।।

**(ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍)**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 01 July 2021 Issue No. 26

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:** Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୨ ଅକ୍ଟୋବର ୨୦୧୯ (ମଙ୍ଗଳବାର)**

**ରିପୋର୍ଟର ଅବଶିଷ୍ଟାଂଶ**

**ଅତିଥିମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତର ଝଲକାଅଂଶ**

Nahawandi Sb ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯମାତ୍ ଅହେମଦିୟାର ଇମାମ୍‌ଙ୍କ ଏହି ଅଭିଭାଷଣକୁ ବ୍ୟାପକ ଭାବରେ ୟୁରୋପରେ ପ୍ରକାଶ କରାଗଲେ ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ଶଙ୍କା ଓ ଘୃଣାଭାବ ରହିଛି ତାହା ଦୂର ହେବ ଏବଂ ଏକ ତରଫା ସୃଷ୍ଟି ହୋଇଥିବା ନକାରାତ୍ମକ ମନୋଭାବର ସମାପ୍ତି ଘଟିବ ।

Axel Knohrig ସାହେବ ଯିଏ Parliament ର ସଦସ୍ୟ ଅଛନ୍ତି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଆଜି ଏଠାରେ ବିଶେଷ ରୂପେ ଖଲିଫାଙ୍କର ଅଭିଭାଷଣ ମତେ ବହୁତ ଭଲ ଲାଗିଲା କାରଣ ସେ ପୃଥିବୀରେ ଶାନ୍ତିର ପ୍ରଚାର ପ୍ରସାର ପାଇଁ ଧ୍ୟାନ ଆକର୍ଷଣ କରାଇଲେ ଏବଂ ତା ସହିତ ଏହା ସ୍ପଷ୍ଟ ମଧ୍ୟ କରିଦେଲେ ଯେ, ପ୍ରତ୍ୟେକ ବ୍ୟକ୍ତିର କ'ଣ ଦାୟିତ୍ୱ ରହିଛି ଯଦ୍ୱାରା ଶାନ୍ତି ପ୍ରତିଷ୍ଠା କରାଯାଇପାରିବ । ଖଲିଫା ଯେଉଁ ବାର୍ତ୍ତା ଦେଲେ ଆମେ ତାହା ତାଙ୍କ ନିଜଠାରେ ଦେଖିବାକୁ ପାଇଲୁ ଓ ଅନୁଭବ ମଧ୍ୟ କଲୁ । ଯଦି ସମସ୍ତେ ଏହି ବାର୍ତ୍ତାକୁ ବୁଝିଯିବେ ତେବେ ନିଶ୍ଚିତ ରୂପେ ଶାନ୍ତିର ପ୍ରଚାର ପ୍ରସାର ହୋଇପାରିବ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯାହା ଖଲିଫା ବର୍ଣ୍ଣନା କଲେ ତାହା ହେଉଛି ଏହା କି ବିଭିନ୍ନ ଧର୍ମ ଓ ବିଭିନ୍ନ ସଂସ୍କୃତିର ଲୋକେ କିପରି ଆପୋଷରେ ଶାନ୍ତିର ସହିତ ମିଳିମିଶି ରହିପାରିବେ । ସେ ଯେଉଁ ବିଷୟର ଚର୍ଚ୍ଚା କରିଛନ୍ତି ମୁଁ ସେହି ସମସ୍ତ ବିଷୟ ଉପରେ ଜଣେ ଇସାଇ ହୋଇଥିବା ସତ୍ୱେ ମଧ୍ୟ ସହମତ ।

Prof. Christoph Gultman ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମତେ ଆଜିକାର ଏହି ପ୍ରୋଗ୍ରାମ ବହୁତ ଭଲ ଲାଗିଲା His Holynessଙ୍କ ଅଭିଭାଷଣରୁ ମତେ ବହୁତ କିଛି ଶିଖିବାକୁ ମିଳିଲା । ବହୁତ ଗୁଡ଼ିଏ Reference ପବିତ୍ର କୁର୍‌ଆନ୍‌ରୁ ମୁଁ ନୋଟ୍ ମଧ୍ୟ କଲି । ଯାହାର ଚର୍ଚ୍ଚା ଖଲିଫା କରିଥିଲେ । ମୁଁ ଘରକୁ ଯିବାପରେ ପୂର୍ନବାର ସେଗୁଡ଼ିକ ଯାଇ ପଢ଼ିବି । ମତେ ବହୁତ ଖୁସି ଲାଗୁଛି ଯେ, ଖଲିଫା ଶାନ୍ତିର ବାର୍ତ୍ତାର ପ୍ରଚାର ପ୍ରସାର କରୁଛନ୍ତି ।

ଜଣେ ଇସାଇ ଅତିଥି କହିଲେ: ମତେ ପ୍ରଥମଥର ପାଇଁ His Holynessଙ୍କ ଅଭିଭାଷଣ ଶୁଣିବାକୁ ମିଳିଲା ।ଏହା ପୂର୍ବରୁ କେବେ ମଧ୍ୟ ମୁଁ ଏକଥା ଶୁଣିନଥିଲି ଯେ, ଇସ୍‌ଲାମ୍ ଶାନ୍ତିକୁ ଏତେ ଗୁରୁତ୍ୱ ଦେଉଅଛି ଓ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଅଛି । ମତେ ଏକଥାରେ ବହୁତ ଖୁସି ଲାଗିଲା ଯେ, His Holynessଙ୍କ ଅଭିଭାଷଣକୁ ଆଜି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଶୁଣିଲେ । ସେହିଭଳି ଇହୁଦୀ, ରବ୍ବି ଏବଂ ଅନ୍ୟାନ୍ୟ ମୁସଲମାନ ଫିର୍କାର ମଧ୍ୟ ଏଠାରେ ଉପସ୍ଥିତ ଥିଲେ ।

ଆଉ ଜଣେ ଅତିଥି ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ, ଆଜି ମତେ ଜଣେ ବିଶିଷ୍ଟ ଜ୍ଞାନୀଙ୍କ ଅଭିଭାଷଣ ଶୁଣିବାର ଅବସର ମିଳିଲା ଯିଏ ତାଙ୍କ ନିଜ ଅଭିଭାଷଣରେ ପ୍ରତ୍ୟେକ ବ୍ୟକ୍ତିକୁ ତାଙ୍କର କର୍ତ୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଯେ, କିପରି ଶାନ୍ତି ପ୍ରତିଷ୍ଠା କରାଯାଇପାରିବ । His Holyness ଲୋକମାନଙ୍କୁ ଅନ୍ଧକାରରୁ ଆଲୋକ ଆଡ଼କୁ ଆଣିପାରିବେ । ସେ ବହୁତ ସରଳ ଭାଷାରେ ସ୍ପଷ୍ଟ କରିଦେଲେ ଯେ, ସମଗ୍ର ମାନବଜାତିକୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ଏକାଠି ରିବହା ଉଚିତ । ସେଥିସକାଶେ ସବୁଠାରୁ ଜରୁରୀ କଥା ହେଉଛି ଏହା କି, ଜଣେ ଅନ୍ୟଜଣକର ସମ୍ମାନ କରୁ । ଏ କଥା ମଧ୍ୟ ସେ ବର୍ଣ୍ଣନା କଲେ ଯେ, ଏ ପୃଥିବୀରେ ବହୁମାତ୍ରାରେ ସମ୍ପଦ ମହ୍‌ଜୁଦ୍ ରହିଛି ଓ ସମସ୍ତଙ୍କ ପାଇଁ ଏହା ଯଥେଷ୍ଟ ହେବ ଯଦି ତାକୁ ସଠିକ୍ ଭାବେ ବ୍ୟବହାର କରାଯିବ ।

ଆଉ ଜଣେ ମହିଳା କହିଲେ, ଏକଥା ତ' ଏଠାରେ ସ୍ପଷ୍ଟ ହୋଇଗଲା ଯେ, ଏହି ବ୍ୟକ୍ତିବିଶେଷ ଜଣକ କାହିଁକି His Holyness ଅଟନ୍ତି । ସେ ହେଉଛନ୍ତି ଏପରି ଜଣେ ଲିଡ଼ର ଯିଏ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଓ ସ୍ନେହଭାବ ପ୍ରକାଶ କରୁଛନ୍ତି । କିନ୍ତୁ ତାଙ୍କର ବାର୍ତ୍ତା ବହୁତ ସ୍ପଷ୍ଟ । ପ୍ରତ୍ୟେକକୁ ସେ ତାଙ୍କର କର୍ତ୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଉଛନ୍ତି । ଏହି ଗୁଣ ଲିଡ଼ରଶିପ୍‌ରେ ରହିବା ଅତ୍ୟନ୍ତ ଜରୁରୀ ।

ଆଉ ଜଣେ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: His Holyness ଅନେକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ସର୍ବପ୍ରଥମେ ଯେଉଁ କଥା ସେ ବର୍ଣ୍ଣନା କଲେ ତାହା ଏହା ଥିଲା ଯେ, ଆଜିକାଲିର ସମାଜରେ ଧର୍ମକୁ ଗୁରୁତ୍ୱ ଦିଆଯାଉନାହିଁ ଏବଂ ଧର୍ମକୁ ନକରାତ୍ମକ ଦୃଷ୍ଟିରେ ଦେଖାଯାଉଅଛି । ମୁଁ ଜଣେ ଇସାଇ ହୋଇଥିଲେ ବି ଏକଥା ଆମକୁ ଅନୁଭବ ହେଉଅଛି । ଏତଦ୍‌ବ୍ୟତିତ ଖଲିଫାଙ୍କ ଭାଷଣରେ ଯେଉଁ କଥା ମତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଲାଗିଲା ତାହା ଥିଲା ଶିକ୍ଷା ଏବଂ ପ୍ରଶିକ୍ଷଣର ଗୁରୁତ୍ୱ । ଏ ସନ୍ଦର୍ଭରେ ଅହେମଦିୟା ମୁସଲିମ୍ ଯମାତ୍ ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ । କାରଣ ଯେତେବେଳେ ମଣିଷ ଏ କଥା ଜାଣିପାରେ ଯେ, ତା'ର ପବିତ୍ର ପୁସ୍ତକରେ କ'ଣ ଶିକ୍ଷା ଦିଆଯାଉଅଛି ତାହା ହେଲେ ଆଜି ଆମେ ନାନା ଦୁଃଖକଷ୍ଟରୁ ବଂଚିଯିବା ।

ଆଉ ଜଣେ ଅତିଥି କହିଲେ, ମତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ଖଲିଫାଙ୍କ ଭାଷଣରେ ଯେଉଁଭଳି ମାନବିକ ମୂଲ୍ୟବୋଧ ଓ ମନୁଷ୍ୟର କର୍ତ୍ତବ୍ୟ ବିଷୟରେ ଚର୍ଚ୍ଚା କରାଯାଉଥିଲା ତାହା ମୋ ମନଭାବ ମୁତାବିକ ଥିଲା । ମୁଁ ତାଙ୍କ କଥା ସହିତ ଶତପ୍ରତିଶତ ଶହମତ ଖଲିଫାଙ୍କ ବ୍ୟକ୍ତିତ୍ୱ ମଧ୍ୟ ବହୁତ ଯାଦୁଗର ବ୍ୟକ୍ତତ୍ୱ ଭାବର ଅନୁଭବ ହେଉଅଛି ଯେଉଁ କଥାଟି ଖଲିଫାଙ୍କ ଅଭିଭାଷଣରେ ମତେ ସବୁଠାରୁ ଅଧିକା ଭଲ ଲାଗିଲା ତାହା ଥିଲା ଏହା କି ଏକଥାର କୌଣସି ମୂଲ୍ୟ ନାହିଁ ଯେ, ନିଜ ଧର୍ମର ଶିକ୍ଷା ବିଷୟରେ ତ' ଚର୍ଚ୍ଚା କରାଯାଉଥିବ କିନ୍ତୁ ତା ଉପରେ ପରିଚାଳିତ ନ ହେଉଥିବେ । ଅସଲ କଥା ହେଉଛି ଏହା କି, ମଣିଷ ତା କର୍ମ ଦ୍ୱାରା ଏହାକୁ ପ୍ରକାଶ କରୁ ଯେ, ସେ ନିଜ ମଧ୍ୟରେ ଉତମ ଚରିତ୍ରକୁ ଧରି ରଖିଛି ।

ଆଉ ଜଣେ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ : ମତେ ଏବେ ଖଲିଫାଙ୍କ ସହିତ ସାକ୍ଷାତ କରିବାରୁ ଅବ୍ୟ ମିଳୁଛି ମୁଁ ଏ ପର୍ଯ୍ୟନ୍ତ ସେଥିରେ ବହୁତ ପ୍ରଭାବିତ ହୋଇଛୁ ମୁଁ ସେଥିପ୍ରତି କୃତଜ୍ଞତା ଜଣାଉଅଛି ଯେ, ଆଜି ଏଠାରେ ଏପରି ଏକ ପ୍ରୋଗ୍ରାମ ଅନୁଷ୍ଠିତ ହୋଇପାରିଲା । ଏହି ସାକ୍ଷାତକାର ପୂର୍ବରୁ ମୁଁ ବହୁତ ଭୟଭୀତ ଓ ଚିନ୍ତାରେ ଥିଲି କାରଣ ମୁଁ ଏକଥା ଜାଣିନଥିଲି ଯେ, ଜଣେ ଖଲିଫାଙ୍କ ସହିତ କେଉଁଭଳି ସାକ୍ଷାତ କରାଯାଇଥାଏ । କିନ୍ତୁ ଯେତେବେଳେ ତାଙ୍କ ସହିତ ସାକ୍ଷାତ ହେଲା ମତେ ଖୁବ୍ ଶିଘ୍ର ଆତ୍ମସନ୍ତୋଷ ମିଳିଗଲା । ଏହା ନିଶ୍ଚିତ ରୂପେ ଖଲିଫାଙ୍କ Charisma ହିଁ ଥିଲା । ଆଜିର ଅଭିଭାଷଣ ରେ ମତେ ଏ କଥା ବହୁତ ଭଲ ଲାଗିଲା ଯେ, ଖଲିଫା ସାହେବ ଇସ୍‌ଲାମ୍ ପ୍ରତି ଥିବା ଗୃଣାଭାବକୁ ରଦ୍ଦ କରିଦେଲେ ଏବଂ ତତ୍‌ସହିତ ସେ ଶାନ୍ତିର ଯେଉଁ ବାର୍ତ୍ତାକୁ ବର୍ଣ୍ଣନ କଲେ ତାହା ବି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଆଉ ଜଣେ ଅତିଥି ଯିଏ ହେଉଛନ୍ତି Member of Parliament ସେ କହିଲେ: ତାଙ୍କ ପାଇଁ ଏ ପ୍ରୋଗ୍ରାମଟି ବହୁତ ଲାଭଦାୟକ ଥିଲା । His Holyness ବହୁତ ସୁନ୍ଦର ଶୈଳୀରେ ବିଦ୍ୱେଷଭାବକୁ ନିନ୍ଦା କଲେ ଏବଂ ଏପରି ବିଷୟବସ୍ତୁ ଉପରେ ଚର୍ଚ୍ଚା କରିବା ଦ୍ୱାରା ଲୋକମାନଙ୍କର ସଂସ୍କାର ହେଲା । ନିଶ୍ଚିତ ରୂପେ ତାଙ୍କର ଏପରି କଥା ଲୋକମାନଙ୍କୁ ଫାଇଦା ପହଂଚାଇବ । ଏହା ମଧ୍ୟ ଜରୁରୀ ଥିଲା ଯେ ଖଲିଫା ଦର୍ଶକମାନଙ୍କୁ ଏକଥା ସ୍ପଷ୍ଟ କରିଥାନ୍ତି ଯେ, ଇସ୍‌ଲାମ୍‌ର ଶିକ୍ଷା ହେଉଛି ବାସ୍ତବରେ ଶାନ୍ତି ଉପରେ ଆଧାରିତ ।

ଜଣେ ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯେତେବେଳେ ସର୍ବପ୍ରଥମେ ମୋର ନଜର ଖଲିଫାଙ୍କ ଉପରେ ପଡ଼ିଲା ସେ ସମୟଟି ମୋ ପାଇଁ ବହୁତ ଚମତ୍କାର ସମୟ ଥିଲା କିନ୍ତୁ ତାହା ସହିତ ଏକ ଭକ୍ତି ମଧ୍ୟ ରହିଥିଲା । ଇସ୍‌ଲାମ୍ ଧର୍ମପ୍ରତି ଏମିତି ମଧ୍ୟ ମୋର ଆଗ୍ରହ ରହିଛି ଓ ଆଜିର ଏହି ଅଭିଭାଷଣରୁ ଗୋଟିଏ କଥା ମତେ ସ୍ପଷ୍ଟ ହୋଇଗଲା ଯେ, ମତେ ଏବେ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ପଡ଼ିବ । ଏକଥା ଏଥିପାଇଁ ମଧ୍ୟ ଜରୁରୀ ଯେ, ଏହା ଦ୍ୱାରା ଲୋକମାନଙ୍କର ଘୃଣାଭାବ ଶେଷ ହୋଇଯାଉ । ଅସଲରେ ଇସ୍‌ଲାମ୍ ହେଉଛି ଶାନ୍ତିର ଧର୍ମ ତେଣୁ ଆଜିର ଏହି ଭାଷଣଟି ସେଥିଯୋଗୁଁ ମଧ୍ୟ ଜରୁରୀ ଥିଲା ଯଦ୍ୱାରା ଯେଉଁମାନଙ୍କ ମନରେ ବିଦ୍ୱେଷଭାବ ରହିଛି ତାହା ସେମାନଙ୍କ ମନରୁ ଦୂର କରାଯାଇପାରିବ ।

ଆଉ ଜଣେ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଏମିତି ତ' ଖଲିଫାଙ୍କର ସବୁକଥା ମତେ ଭଲ ଲାଗିଲା ଓ ସେ ଗୋଟିଏ ବହୁତ ସୁନ୍ଦର ଓ ଶାନ୍ତିପ୍ରୀୟ ଶିକ୍ଷାକୁ ପେଶ୍ କଲେ କିନ୍ତୁ ଯେଉଁ କଥାଟି ମତେ ବହୁତ ଆଶ୍ଚର୍ଯ୍ୟ କଲା ସେହି କଥାଟି ଏହା ଥିଲା କି, ଜରୁରୀ ନୁହେଁ ଯେ, ମଣିଷ ପ୍ରତିଶୋଧ ନେବ ବରଂ କ୍ଷମା କରିଦେବା ମଧ୍ୟ ଲାଭ ପହଂଚାଇପାରେ ।

ଆଉ ଜଣେ ଅତିଥି Arno Tappe ସାହେବ ମଧ୍ୟ ଏହି ସଭାରେ ସାମିଲ ହୋଇଥିଲେ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୁଁ ପୂର୍ବରୁ ମଧ୍ୟ ଯୁଗଖଲିଫାଙ୍କର ବକ୍ତବ୍ୟ ଶୁଣିସାରିଛି ସେତେବେଳେ ମଧ୍ୟ ତାଙ୍କର କଥା ମୋ ଉପରେ ପ୍ରଭାବ ପକାଇଥିଲା ଓ ଏଥରକ ମଧ୍ୟ ତାଙ୍କ କଥାଗୁଡ଼ିକର ମୋ ଉପରେ ବିଶେଷ ପ୍ରଭାବ ପଡ଼ିଛି । ଯେହେତୁ ଖଲିଫାଙ୍କର ଅଭିଭାଷଣ ବିଷୟରେ ଅନେକ ସ୍ଥାନରେ ଚର୍ଚ୍ଚା ହେବ ତେଣୁ ମୋର ମତ ହେଉଛି ଏହାକି ଖଲିଫାଙ୍କର ଏହି ଅଭିଭାଷଣକୁ ଯଥାଶିଘ୍ର ପ୍ରିଂଟ କରାଇ ସମସ୍ତ ଅତିଥିମାନଙ୍କୁ ଓ ସମସ୍ତ Member of Parliament ଇତ୍ୟାଦି ବ୍ୟକ୍ତି ବିଶେଷଙ୍କୁ ଦେଇଦିଆଯାଉ । ଏହିଭଳି ସମସ୍ତଙ୍କ ନିକଟରେ ଖଲିଫାଙ୍କର କଥା ପ୍ରତକ୍ଷ୍ୟ ରୂପରେ ପହଂଚିଯିବ ।

**୨୩ ଅକ୍ଟୋବର ୨୦୧୯ (ବୁଧବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୪:୪୫ ମିନିଟରେ ମସ୍‌ଜିଦ୍ ଖଦିଜାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan